# ନୂଆବର୍ଷ ଅଭିନନ୍ଦନ: ନବୀନ ନିବାସରେ ଶୁଭେଚ୍ଛୁଙ୍କ ଭିଡ଼










## ନବବର୍ଷ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଭରିଦେଉ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧।୧(ସମିସ): ନୂଆବର୍ଷ ଅବସରରେ ଆଜି ନବୀନ ନିବାସରେ ରାଜନେତା, ସରକାରୀ ଅଧିକାରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସାଧାରଣ ଜନତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଇଂରାଜୀ ନବବର୍ଷର ଅଭିନନ୍ଦନ ଜଣାଇବା ସହ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଯାଉ ବୋଲି କାମନା କରିଥିଲେ। ଆଜି ବିଜୁ ଜନତା ଦଳର ମନ୍ତ୍ରୀ, ସାଂସଦଗଣ, ବିଧାୟକଗଣ, ଛାମୁଆ ସଂଗଠନର କର୍ମକର୍ତ୍ତାମାନେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ନୂଆବର୍ଷର ଅଭିନନ୍ଦନ ଜଣାଇଥିଲେ।

ସେହିପରି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ସହ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀ, ପୁଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀଙ୍କ ସହ ବରିଷ୍ଠ ଆଇପିଏସ୍ ଅଧିକାରୀ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନବବର୍ଷର ଶୁଭେଚ୍ଛା ଜ୍ଞାପନ କରିଥିଲେ। ରାଜ୍ୟସଭା ସାଂସଦ ତଥା ବିଜେଡି ସାଧାରଣ ସମ୍ପାଦକ ମାନସ ରଞ୍ଜନ ମଙ୍ଗରାଜଙ୍କ ନେତୃତ୍ୱରେ ବିଜେଡିର ମୁଖପାତ୍ର ଓ ପେନାଲିଷ୍ଟମାନେ ମଧ୍ୟ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ ଭେଟି ଶୁଭେଚ୍ଛା ଅର୍ପଣ କରିଥିଲେ। ନୂଆବର୍ଷ ଉପଲକ୍ଷେ ନବୀନ ନିବାସ ଲୋକାରଣ୍ୟ ହୋଇଯାଇଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଲୋକେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ସୁଯୋଗ ପାଇଥିଲେ। ଏପରିକି ଶୁଭେଚ୍ଛା ଜଣାଇବା ପାଇଁ ନବୀନ ନିବାସରେ ପହଞ୍ଚିଥିବା କିଛି ଦିବ୍ୟାଙ୍ଗମାନଙ୍କ ପାଖକୁ ଯାଇ ମୁଖ୍ୟମନ୍ତ୍ରୀ ସେମାନଙ୍କ ହାତରୁ ଫୁଲତୋଡ଼ା ନେଇଥିଲେ। ଏହି ବର୍ଷ ସେମାନଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଭରିଦେଉ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହିତ ଫଟୋ ମଧ୍ୟ ଉଠାଇଥିଲେ।

---

**ପରିବହନ ବିଭାଗର ସ୍ୱତନ୍ତ୍ର ମାର୍ଗଦର୍ଶିକା**

## ପିକ୍‌ନିକ୍ ଗାଡ଼ି ପାଇଁ ଆର୍‌ଟିଓ ଅନୁମତି ବାଧ୍ୟତାମୂଳକ

- ମଦ ପିଇ ଗାଡ଼ି ଚଳାଇଲେ ବନ୍ଧାହେବେ ଚାଳକ
- ଯାଞ୍ଚ ହେବ ଗାଡ଼ି ଫିଟନେସ୍; ଓଭର୍‌ଲୋଡିଂକୁ ନା
- ପିକ୍‌ନିକ୍ ସ୍ଥଳରେ ରହିବେ ପରିବହନ କର୍ମଚାରୀ

**ଭୁବନେଶ୍ୱର, ୧।୧(ସମିସ):** ପିକ୍‌ନିକ୍ ଋତୁରେ ରାଜ୍ୟରେ ସଡ଼କ ଦୁର୍ଘଟଣା କ୍ରମାଗତ ଭାବେ ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ମଦ୍ୟପାନ, ଫିଟନେସ୍ ନଥିବା ଓ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଅଧିକାଂଶ ଦୁର୍ଘଟଣା ଘଟୁଥିବା ନଜରକୁ ଆସିବା ପରେ ଗାଡ଼ି ଚାଳକଙ୍କ ପାଇଁ ବିଭାଗ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଏହାସହ ଏଥିରେ ପୁଲିସ, ଆର୍‌ଟିଓ, ବସ୍ ମାଲିକ, ବସ୍ ଚାଳକଙ୍କ ସହ ବିଭିନ୍ନ ହିତାଧିକାରୀଙ୍କ ଭୂମିକା ବିଷୟରେ ଦର୍ଶାଯାଇଛି।

ମାର୍ଗଦର୍ଶିକା ଅନୁଯାୟୀ, ମଦ୍ୟପାନ କରି ପିକନିକ୍ ଗାଡ଼ି ଚଳାଇଲେ, ଚାଳକଙ୍କୁ ତୁରନ୍ତ ଗିରଫ କରାଯିବା ସହ ଲାଇସେନ୍ସ ବାତିଲ୍ କରାଯିବ। ଦୂରଯାତ୍ରାକୁ ପିକ୍‌ନିକ୍ ଯାଉଥିଲେ, ଗାଡ଼ିରେ ଆଉ ଜଣେ (ସହକାରୀ) ଚାଳକ ରଖିବାକୁ ପରାମର୍ଶ ଦିଆଯାଇଛି। ସେହିପରି ପିକ୍‌ନିକ୍ ଲାଗି ଯାନବାହନ ମାଲିକମାନଙ୍କୁ ସ୍ଥାନୀୟ ଆର୍‌ଟିଓରୁ ସ୍ୱତନ୍ତ୍ର ଅନୁମତି ନେବା ବାଧ୍ୟତାମୂଳକ କରାଯାଇଛି। ପ୍ରତ୍ୟେକ ପିକ୍‌ନିକ୍‌ସ୍ଥଳ ବା ତୀର୍ଥଗୁଡ଼ିକରେ ପରିବହନ ବିଭାଗର କର୍ମଚାରୀ ନିୟୋଜିତ ରହିବେ। ଯେଉଁ ଯାନଗୁଡ଼ିକର ଫିଟନେସ୍ ସାର୍ଟିଫିକେଟ୍ ବଳବତ୍ତର ରହିଛି, କେବଳ ସମ୍ପୃକ୍ତ ଗାଡ଼ିଗୁଡ଼ିକୁ ପିକ୍‌ନିକ୍ ଲାଗି ଅନୁମତି ମିଳିବ। ଏହାସହ ପ୍ରମୁଖ ପିକ୍‌ନିକ୍‌ସ୍ଥଳରେ ଦୁର୍ଘଟଣା ଜନିତ ସଚେତନତା କରାଯିବ।

ସେହିପରି ବିପଜ୍ଜନକ ବା ଆପତ୍ତିଜନକ ସାମଗ୍ରୀ ପରିବହନ ରୋକିବାକୁ ପିକ୍‌ନିକସ୍ଥଳରେ ଯାନବାହନଗୁଡ଼ିକ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବାକୁ ପୁଲିସ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବସ୍‌ରେ ଗ୍ୟାସ୍ ସିଲିଣ୍ଡର୍, କିରାସିନି ଓ ବାଣ ଆଦି ପରିବହନ ରୋକିବାକୁ ନିୟମିତ ଅନ୍ତରାଳରେ ଚଢ଼ଉ କରାଯିବ। ଏଥିସହ ଓଭର୍‌ଲୋଡିଂ ପାଇଁ ବି କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ପିକନିକ୍ ସ୍ଥଳରେ ସଡ଼କ ସୁରକ୍ଷା ବାର୍ତ୍ତା ଓ ପ୍ରଶଂସାପତ୍ର, ସଡ଼କ ଦୁର୍ଘଟଣାରେ ପୀଡ଼ିତ ପରିବାରଙ୍କ ଆବେଦନପତ୍ର, ଲିଫ୍‌ଲେଟ୍ ପ୍ରଭୃତି ବଣ୍ଟନ କରାଯିବ। ସେହିଭଳି ପିକନିକ୍ ବସ୍‌ରେ ଫାଷ୍ଟ-ଏଡ୍ ବକ୍ସ ରଖିବା ସହ ଅନେକ ନିୟମପାଳନ କରିବାକୁ ସର୍ତ୍ତାବଳୀରେ ଦର୍ଶାଯାଇଛି।

ସୂଚନାଯୋଗ୍ୟ, ସାଧାରଣତଃ ପିକ୍‌ନିକ୍ ଋତୁ ଅର୍ଥାତ୍ ଡିସେମ୍ବର ଓ ଜାନୁଆରୀରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ଉଦ୍‌ବେଗଜନକ ରହିଥାଏ। ୨୦୧୯ରେ ଏହି ଦୁଇ ମାସରେ ସଡ଼କ ଦୁର୍ଘଟଣାରେ ୧୦୦୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦୨୦ର ଏହି ଦୁଇ ମାସରେ ୧୧୦୦, ୨୦୨୧ରେ ୧୦୩୧ ଓ ୨୦୨୨ରେ ୯୯୧ଜଣଙ୍କ ମୃତ୍ୟୁ ଘଟିଥିଲା।

---

**ଜଳସମ୍ପଦ ବିଭାଗର ତତ୍ପରତା**

## କାଠଯୋଡ଼ି, କୁଆଖାଇ, କୁଶଭଦ୍ରାରୁ ହେବ ପଙ୍କୋଦ୍ଧାର

**ସାନି ପ୍ରସ୍ତାବ ଦେବାକୁ ଅତିରିକ୍ତ ସଚିବଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର, ୧।୧(ସମିସ): କାଠଯୋଡ଼ି, କୁଆଖାଇ ଓ କୁଶଭଦ୍ରା ନଦୀରୁ ପଙ୍କ ଉଦ୍ଧାର କରାଯିବ। ନଦୀଗର୍ଭଗୁଡ଼ିକ କ୍ରମଶଃ ପୋତି ହୋଇପଡୁଥିବାରୁ ନଦୀର ଜଳଧାରଣ କ୍ଷମତା ହ୍ରାସ ପାଉଛି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ଜଳସମ୍ପଦ ବିଭାଗ ଏପରି ପଦକ୍ଷେପ ନେବାକୁ ଯୋଜନା କରୁଛି।

ସୂଚନାଯୋଗ୍ୟ, ଡ୍ରେଜିଂ ପ୍ରକ୍ରିୟାରେ ନଦୀଗର୍ଭରୁ ଆବର୍ଜନା ନିଷ୍କାସନ ପାଇଁ ରାଜ୍ୟ ଜଳ ସମ୍ପଦର ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଭାଗୀୟ ସ୍ତରରେ ପ୍ରସ୍ତାବ ଦିଆଯାଇଥିଲା। ଏ ସଂପର୍କିତ ଏକ ସର୍ଭେ ରିପୋର୍ଟ ମଧ୍ୟ ଉପସ୍ଥାପନ କରାଯାଇଥିଲା। କିନ୍ତୁ ରିପୋର୍ଟରେ ଆଉ କିଛି ତଥ୍ୟ ପ୍ରଦାନ କରିବାକୁ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ବିଭାଗୀୟ ଅତିରିକ୍ତ ସଚିବ। ଏହି ମର୍ମରେ ବିଭାଗୀୟ ଅତିରିକ୍ତ ସଚିବ ଏକ ଚିଠି ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପ୍ରଦାନ କରିଛନ୍ତି।

ସେଥିରେ ଦର୍ଶାଯାଇଛି ଯେ ରିପୋର୍ଟରେ ନଦୀର କେଉଁ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଡ୍ରେଜିଂ ପଦ୍ଧତିରେ ଆବର୍ଜନା ନିଷ୍କାସନ କରାଯିବ, ସେନେଇ ଉଲ୍ଲେଖ କରାଯାଇନାହିଁ। ସେହିପରି ଯେଉଁ ସଂସ୍ଥା ଡ୍ରେଜିଂ ପଦ୍ଧତି ପାଇଁ ସର୍ଭେ କରିବ, ଉକ୍ତ ସଂସ୍ଥାକୁ ସରକାରଙ୍କ ପକ୍ଷରୁ ଅନୁମୋଦନ ମିଳି ନାହିଁ। ସର୍ଭେ ରିପୋର୍ଟକୁ ମଧ୍ୟ ଏ କ୍ଷେତ୍ରରେ ଅଭିଜ୍ଞ କୌଣସି ତୃତୀୟ ପକ୍ଷ(କେନ୍ଦ୍ରୀୟ ସଂସ୍ଥା) ଦ୍ୱାରା ଅନୁମୋଦିତ କରାଯାଇନାହିଁ। ତେଣୁ ଏନେଇ ସାନି ପ୍ରସ୍ତାବ ଦେବାକୁ ଚିଠିରେ ଦର୍ଶାଯାଇଛି। ଏହାପରେ ଉପରୋକ୍ତ ୩ ନଦୀରେ ଆବର୍ଜନା ନିଷ୍କାସନ କାମକୁ ବ୍ୟାପକ କରାଯାଇପାରିବ।

ଏପଟେ ଅତିରିକ୍ତ ସଚିବଙ୍କଠାରୁ ଉପରୋକ୍ତ ପରାମର୍ଶ ମିଳିବା ପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ମହାନଦୀ-କାଠଯୋଡ଼ି ସିଷ୍ଟମ୍‌ର ମୁଖ୍ୟଯନ୍ତ୍ରୀଙ୍କୁ ଚିଠି ଲେଖି ବିଶଦ୍ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

---

## ଜାନୁଆରୀରେ ଶୀତ ନାହିଁ

- ୪ ମାସ ବର୍ଷାର ପରିମାଣ ଅଧିକ
- ୩ ଦିନ ଯାଏଁ ଘନ କୁହୁଡ଼ି ଚେତାବନୀ

**ଭୁବନେଶ୍ୱର,୧।୧(ସମିସ):** ଚଳିତ ଜାନୁଆରୀରେ ବିଶେଷ ଶୀତ ଅନୁଭୂତ ହେବ ନାହିଁ। ମାସସାରା ରାଜ୍ୟରେ ତାପମାତ୍ରା ସ୍ୱାଭାବିକ୍‌ଠାରୁ ଅଧିକ ରହିବ। ତେଣୁ ରାତି ବେଳା ବିଶେଷ ଶୀତ ଅନୁଭୂତ ହେବ ନାହିଁ। ଜାନୁଆରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ପାଣିପାଗର ସ୍ଥିତି ଆକଳନ କରି ଭାରତୀୟ ପାଣିପାଗ ବିଭାଗ ( ଆଇଏମ୍‌ଡି) ପକ୍ଷରୁ ଆଜି ଏହି ସୂଚନା ଦିଆଯାଇଛି।

ଆଇଏମ୍‌ଡି କହିଛି ଯେ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ରାଜ୍ୟରେ ବିଭିନ୍ନ ସମୟରେ ବର୍ଷା ହେବ। କିଛି ସ୍ଥାନରେ ବର୍ଷାର ପ୍ରକୋପ ସ୍ୱାଭାବିକଠାରୁ ଅଧିକ ରହିବ। ଏଭଳି କାରଣ ଯୋଗୁଁ ରାଜ୍ୟକୁ ଜଳୀୟ ବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ ଅଧିକ ରହିବ ଏବଂ ଶୀତ ବେଶି ଅନୁଭୂତ ହେବ ନାହିଁ।

ଅନ୍ୟପଟେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ବୁଲେଟିନ୍ ଅନୁଯାୟୀ, ଆସନ୍ତା ୪ ଓ ୫ତାରିଖରେ କେତେକ ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। କେନ୍ଦ୍ର କହିଛି ଯେ ଆଗାମୀ ୩ ଦିନ ରାଜ୍ୟରେ ପାଗ ଶୁଖିଲା ରହିବ। ୪ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୫ରେ ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହୋଇପାରେ। ବର୍ତ୍ତମାନ ରାଜ୍ୟରେ ବିଶେଷ ଶୀତ ଅନୁଭୂତ ହେଉ ନଥିବା ବେଳେ ଅନେକ ସ୍ଥାନରେ ଘନ କୁହୁଡ଼ି ଜାରି ରହିଛି। ଆସନ୍ତା ୩ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି ଜାରି ରହିବ। ୨ ତାରିଖରେ କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ସୋନପୁର, କୋରାପୁଟ, ବଲାଙ୍ଗିର, ବୌଦ୍ଧ, ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ଼, କଟକ ଓ ଜଗତସିଂହପୁର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ୨ ତାରିଖ ରାତିରୁ ୩ ତାରିଖ ସକାଳ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, କଟକ ଓ ଖୋର୍ଦ୍ଧା ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ୪ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ ଓ କନ୍ଧମାଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟର ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଏହି ସମୟରେ ଅନେକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୨-୩ ଡିଗ୍ରୀ ଅଧିକ ରହିବ।

---

## ମୁଖ୍ୟ ଶାସନ ସଚିବଙ୍କୁ ନବବର୍ଷ ଶୁଭେଚ୍ଛା



ଭୁବନେଶ୍ୱର, ୧।୧(ସମିସ): ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ଆଜି ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ, ନିର୍ଦ୍ଦେଶକ, ଅଧିକାରୀ ଓ କର୍ମଚାରୀମାନେ ସାକ୍ଷାତ କରି ଇଂରାଜୀ ନବବର୍ଷ ୨୦୨୪ର ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ଆଜି ତାଙ୍କର ଜନ୍ମଦିନ ହୋଇଥିବାରୁ ମଧ୍ୟ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଲୋକସେବା ଭବନସ୍ଥିତ ତାଙ୍କର କାର୍ଯ୍ୟାଳୟରେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ମଧ୍ୟ ସମସ୍ତ ସଚିବ, ଅଧିକାରୀ ଓ କର୍ମଚାରୀମାନଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇ ସେମାନଙ୍କର ସୁଖ, ସମୃଦ୍ଧି କାମନା କରିଛନ୍ତି।

ସେହିପରି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ମଧ୍ୟ ଅନ୍ୟ ସଚିବ, ନିର୍ଦ୍ଦେଶକ, ଅଧିକାରୀ ଓ କର୍ମଚାରୀମାନେ ସାକ୍ଷାତ କରି ନୂଆ ବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ସେହିପରି ଆଜି ଲୋକସେବା ଭବନରେ ଅନ୍ୟ ସଚିବ, ଅଧିକାରୀ ତଥା କର୍ମଚାରୀମାନେ ପରସ୍ପରକୁ ନୂଆ ବର୍ଷର ଶୁଭେଚ୍ଛା ଜଣାଇଥିଲେ।

---

## ଡ. ପ୍ରଭାସ ଆଚାର୍ଯ୍ୟ 'ସମାଜ' ରିଲିଫ୍ କମିଟି ଅଧ୍ୟକ୍ଷ



**କଟକ,୧।୧ (ସମିସ):** 'ସମାଜ' ରିଲିଫ୍ କମିଟିର ଅଧ୍ୟକ୍ଷ ଭାବେ ସୋମବାର ଅପରାହ୍ଣରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଂପାଦକ ଡ. ପ୍ରଭାସ ଆଚାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ମଣ୍ଡଳର ଓଡ଼ିଶା ଶାଖା କାର୍ଯ୍ୟକାରୀ କମିଟିର ନିଷ୍ପତ୍ତି ଅନୁସାରେ ରିଲିଫ୍ କମିଟିକୁ ପୁନର୍ଗଠନ କରାଯାଇଛି। ନବଗଠିତ କମିଟିରେ ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ରାଜେନ୍ଦ୍ର କୁମାର ଜେନା ସଂପାଦକ ରହିଛନ୍ତି। ଡା. ଶିଶୁଶଙ୍କର ମିଶ୍ର, ଭବାନୀ ପ୍ରସାଦ ମିଶ୍ର, ମହେଶ ମଲ୍ଲ ଓ ପଲ୍ଲବ ଦାଶ ରହିଥିବା ବେଳେ 'ସମାଜ'ର ମୁଖ୍ୟ ପରିଚାଳକ ଶିବରାମ ମିଶ୍ର, 'ସମାଜ' ସଂପାଦକ ଡା. ପ୍ରମୋଦ କୁମାର ମହାପାତ୍ର ଓ ଲୋକନାଥ ରାଉତ କମିଟିକୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ନୂଆ ଦାୟିତ୍ୱ ଗ୍ରହଣ ପରେ ଡ. ଆଚାର୍ଯ୍ୟ କହିଛନ୍ତି 'ସମାଜ' ରିଲିଫ୍ ଯେପରି ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିବ ସେନେଇ ଚେଷ୍ଟା ଜାରି ରହିବ ଓ ସେବା ପରିସରକୁ ବ୍ୟାପକ ଓ ବହୁମୁଖୀ କରାଯିବ।

---

**ରାଜ୍ୟ ଜିଏସ୍‌ଟି ଓ ସମନ୍ୱିତ ଜିଏସ୍‌ଟି ସଂଗ୍ରହରେ ପୁଣି ରେକର୍ଡ କଲା ଓଡ଼ିଶା**

## ଡିସେମ୍ବରରେ ୨୫୭୮ କୋଟି ଆଦାୟ

**ଭୁବନେଶ୍ୱର, ୧।୧(ସମିସ):** ୨୦୨୩ ଡିସେମ୍ବରରେ ରାଜ୍ୟ ଜିଏସ୍‌ଟି ଓ ସମନ୍ୱିତ ଜିଏସ୍‌ଟି ବାବଦରେ ଓଡ଼ିଶା ଦ୍ୱିତୀୟ ସର୍ବାଧିକ ସଂଗ୍ରହ ହାସଲ କରିବା ସହ ୨୫୭୮.୦୫ କୋଟି ଟଙ୍କା ଆଦାୟ କରିଛି। ୨୦୨୨ ମସିହା ଡିସେମ୍ବରରେ ଏହି ସଂଗ୍ରହ ପରିମାଣ ୧୫୧୫.୮୮ କୋଟି ଟଙ୍କା ଥିଲା। ଗତ ଡିସେମ୍ବର ମାସରେ ଏଥିରେ ୭୦.୦୭% ଅଭିବୃଦ୍ଧି ହାସଲ କରିଛି ଓଡ଼ିଶା।

ରାଜ୍ୟ ବାଣିଜ୍ୟକର ଏବଂ ଜିଏସ୍‌ଟି କମିଶନରେଟ୍ ପକ୍ଷରୁ ଜାରି ସୂଚନାରେ କୁହାଯାଇଛି ଯେ ଚଳିତ ଆର୍ଥିକ ବର୍ଷ ଡିସେମ୍ବର ସୁଦ୍ଧା ରାଜ୍ୟ ଜିଏସ୍‌ଟି-ସମନ୍ୱିତ ଜିଏସ୍‌ଟି ଫଇସଲା ବାବଦକୁ ମୋଟ୍ ସଂଗ୍ରହ ପରିମାଣ ୧୭୪୧୯.୬୧ କୋଟି ଟଙ୍କା ହୋଇଥିଲା ବେଳେ ଗତ ଆର୍ଥିକ ବର୍ଷ ଡିସେମ୍ବର ମାସ ସୁଦ୍ଧା ଏହି ସଂଗ୍ରହ ରାଶି ୧୩୨୩୫.୫୨ କୋଟି ଟଙ୍କା ଥିଲା। ଏଥିରେ ଚଳିତଥର ୩୧.୬୧% ଅଭିବୃଦ୍ଧି ହୋଇଛି। ରାଜ୍ୟ ଜିଏସ୍‌ଟି/ସମନ୍ୱିତ ଜିଏସ୍‌ଟି ଫଇସଲା, ମୂଲ୍ୟଯୁକ୍ତ କର, ପ୍ରବେଶ କର ଓ ବୃତ୍ତିଗତ କର ବାବଦକୁ ୨୦୨୩ ମସିହା ଡିସେମ୍ବର ମାସରେ ୩୭୬୫.୨୩ କୋଟି ଟଙ୍କା ସଂଗୃହୀତ ହୋଇଥିବା ବେଳେ ୨୦୨୨ ଡିସେମ୍ବର ମାସରେ ଏହି ପରିମାଣ ୨୫୧୦.୮୬ କୋଟି ଟଙ୍କା ଥିଲା। ଏହି କ୍ଷେତ୍ରରେ ଅଭିବୃଦ୍ଧି ହାର ୪୫.୯୮% ରହିଛି।

ଅପରପକ୍ଷେ, ଚଳିତ ଆର୍ଥିକ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ସମସ୍ତ ଟିକସ ଅଧୀନରେ ମୋଟ ସଂଗ୍ରହ ପରିମାଣ ୨୬୦୮୯.୮୪ କୋଟି ଟଙ୍କା ରହିଥିବା ବେଳେ ୨୦୨୨ ଡିସେମ୍ବର ଅଭିବୃଦ୍ଧି ହାର ୨୧.୬୮% ରହିଛି। ସେହିପରି ମୋଟ ଜିଏସ୍‌ଟି (କେନ୍ଦ୍ରୀୟ ଜିଏସ୍‌ଟି+ସମନ୍ୱିତ ଜିଏସ୍‌ଟି+ରାଜ୍ୟ ଜିଏସ୍‌ଟି+ଅତିରିକ୍ତ ଟିକସ) ବାବଦକୁ ଓଡ଼ିଶାରେ ଗତ ଡିସେମ୍ବରରେ ୪୩୫୧.୪୨ କୋଟି ଟଙ୍କା ସଂଗୃହୀତ ହୋଇଥିଲା ବେଳେ ୨୦୨୨ ଡିସେମ୍ବର ମାସରେ ୩୮୫୪.୨୯ କୋଟି ଟଙ୍କା ସଂଗ୍ରହ ହୋଇଥିଲା। ଏ କ୍ଷେତ୍ରରେ ଅଭିବୃଦ୍ଧି ହାର ୧୨.୯୦% ରହିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଡିସେମ୍ବର ସୁଦ୍ଧା ମୋଟ ଜିଏସ୍‌ଟି ବାବଦକୁ ୩୯୫୩୯.୬୭କୋଟି ଟଙ୍କା ସଂଗ୍ରହ ହୋଇଥିଲା ବେଳେ ଗତ ଆର୍ଥିକ ବର୍ଷର ଡିସେମ୍ବର ସୁଦ୍ଧା ହୋଇଥିବା ସଂଗ୍ରହ ତୁଳନାରେ ଏଥିରେ ୧୦.୦୮% ଅଭିବୃଦ୍ଧି ହୋଇଛି। ୨୦୨୩ ଡିସେମ୍ବରରେ ୨୨.୪୯ ଲକ୍ଷ ସଂଖ୍ୟକ ଇ-ୱେବିଲ୍ ନିର୍ଗମନ ହୋଇଥିବା ବେଳେ ଗତବର୍ଷ ଡିସେମ୍ବର ମାସରେ ଏହି ସଂଖ୍ୟା ୧୯.୬୬ ଲକ୍ଷ ଥିଲା। ଫଳରେ ଏ କ୍ଷେତ୍ରରେ ୧୪.୩୯ ପ୍ରତିଶତ ଅଭିବୃଦ୍ଧି ଘଟିଛି, ଯାହା ବ୍ୟବସାୟିକ କାର୍ଯ୍ୟକଳାପରେ ଘଟିଥିବା ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି। ଏଥିମଧ୍ୟରୁ ୧୩.୪୧ ଲକ୍ଷ ଇ-ୱେ ବିଲ୍ ଆନ୍ତଃରାଜ୍ୟ କାରବାର ପାଇଁ ନିର୍ଗମନ ହୋଇଥିବା ବେଳେ ୯.୦୭ ଲକ୍ଷ ଆନ୍ତଃରାଜ୍ୟ କାରବାର ପାଇଁ ନିର୍ଗମନ ହୋଇଛି।





# ରୌପ୍ୟନଗରୀରୁ ରାଜଧାନୀ...

# ସମ୍ପର୍କକୁ ଆହୁରି ମଜଭୁତ କରିବ 'ମେଟ୍ରୋ'




### ସାକାର ହେଲା ଦ୍ୱୈତନଗରବାସୀଙ୍କ ସ୍ୱପ୍ନ

### ୨୬ କିଲୋମିଟରର ଭିତରେ ରହିବ ୨୦ଟି ଷ୍ଟେସନ୍

### ବାରଙ୍ଗସ୍ଥିତ 'ରତାଗଡ-ନୂଆସାହି'ରେ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ରାଜ୍ୟବାସୀ ତଥା ଦ୍ୱୈତନଗରବାସୀଙ୍କ ପାଇଁ ନୂତନ ବର୍ଷର ନୂଆ ସକାଳ ଆଣିଛି ଅନେକ ସ୍ୱପ୍ନ, ଆଶା ଓ ସମ୍ଭାବନା । ସ୍ମାର୍ଟ ସିଟିରୁ ସିଲଭର୍ ସିଟିକୁ ଟାଣି ହୋଇଛି ନୂଆ ସମ୍ପର୍କର ଗାର...ବହୁ ପ୍ରତୀକ୍ଷିତ ମେଟ୍ରୋ ରେଳ ପ୍ରକଳ୍ପକୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରଙ୍ଗସ୍ଥିତ ରତାଗଡା-ନୂଆସାହିରେ କରିଛନ୍ତି ଶିଳାନ୍ୟାସ । ସାକାର ହୋଇଛି ଉଭୟ କଟକ ଓ ଭୁବନେଶ୍ୱରବାସୀଙ୍କ ସ୍ୱପ୍ନ । ଅନ୍ୟ ସମ୍ଭ୍ରାନ୍ତ ସହରଭଳି ଏଠାରେ ଚାଲିବ ଅତ୍ୟାଧୁନିକ ମେଟ୍ରୋ । ମୋଟ ୫ହଜାର ୯୨୯କୋଟି ୩୮ ଲକ୍ଷ ଟଙ୍କା ବ୍ୟୟରେ ୨୬ କିମି ଦୈର୍ଘ୍ୟରେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ । ପ୍ରଥମ ପର୍ଯ୍ୟାୟରେ ଏହି ମେଟ୍ରୋ ଏୟାରପୋର୍ଟରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ଆସିବ । ଦ୍ୱିତୀୟ ପର୍ଯ୍ୟାୟରେ ଖାନନଗରସ୍ଥିତ ସିଏନ୍‌ବିଟି, ହାଇକୋର୍ଟ, ଜୁଡିସିଆଲ୍ ଏକାଡେମୀ ଓ ସିଡିଏକୁ ମେଟ୍ରୋ ଲାଇନ୍ ଛୁଇଁବ ବୋଲି ପରିକଳ୍ପନା କରାଯାଇଛି । ରୌପ୍ୟନଗରୀରୁ ରାଜଧାନୀ ...ଆଖି ପିଛୁଳାକେ ଛୁଇଁ ହେବ । ମେଟ୍ରୋ ଚାଲିବା ଦ୍ୱାରା ଉଭୟ କଟକ-ଭୁବନେଶ୍ୱର ସହରର ସମ୍ପର୍କ ଆହୁରି ମଜବୁତ୍ ହେବ ଆଜି ମେଟ୍ରୋ ପ୍ରକଳ୍ପର ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ।

**କଟକ/ବାରଙ୍ଗ,୧।୧(ସମିସ)**

ସାକାର ହେବ ଓଡିଶାବାସୀଙ୍କ ସ୍ୱପ୍ନ। ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ମେଟ୍ରୋ ରେଳ ପ୍ରକଳ୍ପ ପ୍ରଥମ ପର୍ଯ୍ୟାୟର ବାରଙ୍ଗ ରତାଗଡ ନୂଆସାହିରେ ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆଜି ଦିନ ୧୧ଟା ୩୦ରେ ମେଟ୍ରୋ ପ୍ରକଳ୍ପର ଶୁଭାରମ୍ଭ ପୂର୍ବରୁ ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ରୋଡ୍ ଶୋ'ରେ ବାହାରି ରତାଗଡ ନୂଆସାହିରେ ପହଞ୍ଚି ଥିଲେ। ରୋଡ ଶୋ ସମୟରେ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଥିଲା। ଫୁଲ ପକାଇ, ଶଙ୍ଖ ବଜାଇ ସ୍ୱାଗତ କରିଥିଲେ ସାଧାରଣ ଲୋକେ। ଏହି ମେଟ୍ରୋ ପ୍ରକଳ୍ପର ୨୬ କିଲୋମିଟର ରେଳପଥ ପାଇଁ ୨୦ଟି ମେଟ୍ରୋ ରେଳ ଷ୍ଟେସନ ରହିବ। ମେଟ୍ରୋ ରେଳ ଟ୍ରାକ୍ ଏବଂ ଷ୍ଟେସନ୍ ଗୁଡିକ ସୁଉଚ୍ଚ ପୋଲ ବିଶିଷ୍ଟ ଢାଞ୍ଚାରେ ନିର୍ମିତ ହେବ।

ଆଜି ମେଟ୍ରୋର ଶିଳାନ୍ୟାସ କରିବା ଅବସରରେ ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ସହ ମୁଖ୍ୟମନ୍ତ୍ରୀ ନବୀନ କହିଛନ୍ତି, ନୂଆବର୍ଷରେ ଆଜି ଗୁରୁତ୍ୱପୂର୍ଣ୍ଣ ଭିତ୍ତି ରଖାଗଲା। ୪ବର୍ଷରେ ମେଟ୍ରୋ ପ୍ରକଳ୍ପର କାମ ଶେଷ ହେବ। ଓଡିଶାବାସୀ ଏହି ଅତ୍ୟାଧୁନିକ ମେଟ୍ରୋ ସୁବିଧା ପାଇବେ। କଟକ ଓ ଭୁବନେଶ୍ୱର ସମ୍ପର୍କକୁ ଆହୁରି ମଜବୁତ୍ କରିବ ଏହି ମେଟ୍ରୋ ପ୍ରକଳ୍ପ। ମେଟ୍ରୋ ପ୍ରକଳ୍ପ ପାଇଁ ସେ ଯେଉଁ ପ୍ରତିଶ୍ରୁତି ଦେଇଥିଲି ତାହାକୁ ପାଳନ କରିଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ସ୍ୱାଗତ ଭାଷଣ ଦେଇଥିଲେ। '୫ଟି ଓ ନବୀନ ଓଡିଶା'ର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ମଞ୍ଚରେ ଉପସ୍ଥିତ ଥିଲେ। ମନ୍ତ୍ରୀ ଅଶୋକ ପଣ୍ଡା, କୃଷି ମତ୍ସ୍ୟ ପଶୁ ସମ୍ପଦ ବିକାଶର ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ମେଟ୍ରୋ ପ୍ରକଳ୍ପ ଏବଂ ରୂପାନ୍ତରଣରେ ନବୀନଙ୍କ ଗ୍ୟାରେଣ୍ଟି ଉପରେ ଉଦ୍‌ବୋଧନ ଦେଇଥିଲେ। ଶେଷରେ କଟକ ମେୟର ସୁବାଷ ସିଂହ ଧନ୍ୟବାଦ ଦେଇଥିଲେ। ଏଥି ସହ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, କଟକ ଜିଲ୍ଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ପ୍ରଭାତ ତ୍ରିପାଠୀ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳଙ୍କ ସମେତ ବହୁ ବିଧାୟକ ନେତୃବୃନ୍ଦ ଉପସ୍ଥିତ ଥିଲେ। ସଭାରେ ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା।



## ଜୟ ଜଗନ୍ନାଥ...ଜୟ ଜଗନ୍ନାଥ

ମେଟ୍ରୋ ଶିଳାନ୍ୟାସ ଅବସରରେ ଆୟୋଜିତ ସଭାରେ ପ୍ରଥମେ ଶୁଭିଥିଲା ଜୟ ଜଗନ୍ନାଥ...ଜୟ ଜଗନ୍ନାଥ। ନୂତନ ବର୍ଷର ହାର୍ଦ୍ଦିକ ଅଭିନନ୍ଦନ ସହିତ ଉପସ୍ଥାପିକା ସୁଲଗ୍ନା ଉପସ୍ଥିତ ଜନସାଧାରଣଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ବାହାରି ଶୋଭାଯାତ୍ରାରେ ଅସୁଥିବା ବେଳେ ଏପଟେ ମଞ୍ଚରେ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ୨ କଣ୍ଠ ଶିଳ୍ପୀ ସଂଗୀତ ପରିବେଷଣ କରିଥିବା ବେଳେ ଉପସ୍ଥିତ ଥିବା ମା'ମାନେ ଏହାର ଭରପୂର ଆନନ୍ଦ ଉଠାଇଥିଲେ।

## ଗର୍ବ, ଗୌରବର ଦିନ: ସୁଦୃଢ଼ ହେବ ଅଞ୍ଚଳବାସୀଙ୍କ ଆର୍ଥିକ ସ୍ଥିତି



ସର୍ବପ୍ରଥମେ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେବି। ଆମ ଅଞ୍ଚଳବାସୀଙ୍କ ପାଇଁ ଆଜି ଏକ ଗର୍ବ ଓ ଗୌରବର ଦିନ। ଆଜି ମେଟ୍ରୋ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହାଦ୍ୱାରା ଟୁଇନ୍‌ସିଟିର ଦ୍ରୁତ ଉନ୍ନତି ଘଟିବ। ଯେହେତୁ ନିକଟବର୍ତ୍ତୀ ରାମଦାସପୁରକୁ ଶିଳ୍ପାଞ୍ଚଳ ଭାବେ ଗ୍ରହଣ କରାଯାଇଛି, ତାହା ଅଞ୍ଚଳବାସୀଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ।

**ସରସ୍ୱତୀ ରାଉତ**



ମେଟ୍ରୋ ପ୍ରକଳ୍ପ ପାଇଁ ଅଞ୍ଚଳବାସୀ ବହୁ ଖୁସି ଅଛୁ। ଆମ ଅଞ୍ଚଳର ପରିବହନ ବ୍ୟବସ୍ଥାକୁ ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହା ବଡ ପଦକ୍ଷେପ। ତ୍ରିଶୁଳିଆ ଛକରୁ ଭୁବନେଶ୍ୱରକୁ ସୁଲଭ ମୂଲ୍ୟରେ ଟ୍ରେନରେ ଯାତାୟତ କରି ହେବ। ଲକ୍ଷ ଲକ୍ଷ ଲୋକଙ୍କ ଜୀବନଶୈଳୀ ସହଜ ହେବାକୁ ଯାଉଛି। ଆମ ରାଜ୍ୟର ପରିବହନ ମାଧ୍ୟମ ଯେତେ ଉନ୍ନତ ହେବ, ଆତ୍ôମନିର୍ଭରତା ଏବ ଆତ୍ମବିଶ୍ୱାସର ଆମ ସଂକଳ୍ପ ସେତିକି ସଶକ୍ତ ହେବ।

**ମଳୟ ମଞ୍ଜରୀ ଶତପଥି**

ମେଟ୍ରୋ ଟ୍ରେନ ଚାଲିବା ନେଇ କେବେ ବିଶ୍ୱାସ କରି ନ ଥିଲୁ । ଯାହା ହେଉ ମୁଖ୍ୟମନ୍ତ୍ରୀ



ନିଜେ ଏଠାରେ ପହଞ୍ଚି ମେଟ୍ରୋ ପ୍ରକଳ୍ପର ୱାର୍କସପ୍‌ର ଶିଳନ୍ୟାସ କରିଛନ୍ତି। ଆମେ ବହୁ ଖୁସି ଅଛୁ। ଆଗାମୀ ନିର୍ବାଚନରେ ନବୀନ ପଟ୍ଟନାୟକ ପୁଣି ମୁଖ୍ୟମନ୍ତ୍ରୀ ହୋଇ ଆସନ୍ତୁ, ଆମେ ତାଙ୍କଠାରୁ ଏଭଳି ବହୁ ଉନ୍ନତିମୂଳକ କାର୍ଯ୍ୟ ପାଇବୁ।

**ସବିତା ପ୍ରଧାନ**



ଏହା ସରକାରଙ୍କ ଏକ ଦୂରଦର୍ଶୀ ଜନହିତକର ଯୋଜନା। କଟକ-ଭୁବନେଶ୍ୱରକୁ ମେଟ୍ରୋ ଚଳାଚଳ କରିବା ନିଶ୍ଚିତ ପ୍ରଶଂସନୀୟ ପଦକ୍ଷେପ। କେନ୍ଦ୍ର ସରକାର ଅନେକ ବର୍ଷ ଧରି ଏଭଳି ଯୋଜନାକୁ ଗୁରୁତ୍ୱ ଦେଇ ନ ଥିବା ବେଳେ ଓଡିଶା ସରକାର ନିଜସ୍ୱ ପାଣ୍ଠିରୁ ଅର୍ଥ ବରାଦ କରି ଏହି ଯୋଜନାକୁ ରୂପାନ୍ତରିତ କରିଛନ୍ତି। ଯାହା ଓଡିଶାବାସୀଙ୍କ ପାଇଁ ଗୌରବ ଆଣିଦେଇଛି।

**ରେଣୁକା ମଞ୍ଜରୀ ମଣ୍ଡଳ**



ଏହି ପ୍ରକଳ୍ପ ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଆର୍ଥିକ ବୃଦ୍ଧି ଘଟିବା ସହ ସର୍ବବିଧ ଉନ୍ନତି ହୋଇପାରିବ। ଏହି ପ୍ରକଳ୍ପରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି କ୍ଷେତ୍ରରେ ସରକାର ଅଗ୍ରାଧିକାର ଦେବା ପାଇଁ ଆଶା କରୁଛୁ। ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଉଛୁ।

**ଗୌରାଙ୍ଗ ଚରଣ ରାଉତ**

ବାରଙ୍ଗ ତଥା ଓଡିଶାବାସୀଙ୍କ ପାଇଁ ଆଜି ଏକ ଗୌରବର ଦିନ। ଏହି ଦିନ ଐତିହାସିକ ଦିନ ହୋଇ ରହିବ। କଟକ-



ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ବାଙ୍କୀ-ବାରଙ୍ଗ ଅଞ୍ଚଳରେ ଆନନ୍ଦର ଲହରୀ ଖେଳାଇଦେଇଛି। ଏଥି ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ।

**ପ୍ରଶାନ୍ତ ସାହୁ**



ନୂଆ ବର୍ଷରେ ଓଡିଶାବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଏହା ଏକ ସ୍ୱତନ୍ତ୍ର ଭେଟି। ଓଡିଶାବାସୀ ମେଟ୍ରୋ ସୁବିଧା ପାଇବେ। ଇତିହାସରେ ଆଜିର ଦିନ ଲିପିବଦ୍ଧ ହୋଇ ରହିବ। ପରିବହନ କ୍ଷେତ୍ରରେ ଅଞ୍ଚଳବାସୀଙ୍କ ପାଇଁ ଆସିବ ଏକ ବଡ ପରିବର୍ତ୍ତନ। ଯେଉଁଠି ଭୁବନେଶ୍ୱର ଯିବା ପାଇଁ ୪୦ଟଙ୍କା ଖର୍ଚ୍ଚ ହେଉଥିଲା ଏହି ଟ୍ରେନ୍ ଚାଲିବା ଦ୍ୱାରା ଲୋକମାନେ ଖୁବ କମ ଖର୍ଚ୍ଚରେ ଭୁବନେଶ୍ୱରକୁ ଯାଇପାରିବେ।

**ହୃଦାନନ୍ଦ ରାଉତ**



ଆମ ଅଞ୍ଚଳବାସୀଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ସରକାରଙ୍କ ଅଧୀନରେ ବହୁ ଲୋକେ ନିଯୁକ୍ତି ପାଇବେ ବୋଲି ଆଶା ରଖିଛୁ। ଉକ୍ତ ଜମିଟି ଅଲୋଡା ହୋଇ ପଡିଥିବା ବେଳେ ସରକାର ଏଥି ପ୍ରତି ଦୃଷ୍ଟି ଦେଇ ଏହି ପ୍ରକଳ୍ପଟି କରିବା ପାଇଁ କଳ୍ପନା କରିଛନ୍ତି।

**ନାରାୟଣ ରାଉତ**









## ବାରଙ୍ଗ ଥାନାରୁ ରତାଗଡ ଜାମ୍

ମୁଖ୍ୟମନ୍ତ୍ରୀଙ୍କ କାରକେଡ୍ ଆସିବା ପୂର୍ବରୁ ବାରଙ୍ଗ ଥାନା ନିକଟରୁ ଶିଳାନ୍ୟାସ ସ୍ଥଳୀ ରତାଗଡ଼ ପର୍ଯ୍ୟନ୍ତ ରାସ୍ତା ଜାମ୍ ହୋଇ ରହିଥିଲା। ହଜାର ହଜାର ଜନସାଧାରଣ ସ୍ୱତସ୍ଫୂର୍ତ୍ତ ଭାବେ ଛୁଟି ଆସିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଖିବା ପାଇଁ। ଭିଡ ନିୟନ୍ତ୍ରଣ କରିବାକୁ ପୁଲିସକୁ ନାକେଦମ ହେବାକୁ ପଡ଼ିଥିଲା।

## ମନ କିଣିଲା ରୂପାନ୍ତରୀକରଣ ଭିଡିଓ

ସଭାରେ ମୁଖ୍ୟମନ୍ତ୍ରୀ ଆସିବା ପୂର୍ବରୁ '୫-ଟି' ମାଧ୍ୟମରେ ରୂପାନ୍ତରଣ ହେଉଥିବା ଭିଡିଓ ଗୁଡ଼ିକ ପ୍ରଦର୍ଶିତ ହେଉଥିଲା। ରାଜ୍ୟରେ ଶେଷ ହୋଇଥିବା ପ୍ରକଳ୍ପ ଏବଂ ଏବେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଉଥିବା ପ୍ରକଳ୍ପର ଭିଡିଓ ଗୁଡ଼ିକୁ ଜନସାଧାରଣ ଏଲଇଡି ମାଧ୍ୟମରେ ଉପଭୋଗ କରିଥିଲେ। ମିଲେଟ୍ ମିଶନ୍ ଠାରୁ ମିଶନ୍ ଶକ୍ତିଯାଏଁ ପ୍ରତ୍ୟେକ ଯୋଜନାର ଭିଡିଓ ପ୍ରଦର୍ଶିତ ହୋଇଥିଲା।



## ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ

ନନ୍ଦନକାନନ ଛକରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସୋମବାର ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଓଡିଶାର ଅତିତ ଗୌରବକୁ ଫେରାଇ ଆଣିବା ଏବଂ ଓଡିଶାର ବିକାଶ ଶିଖରରେ ପହଞ୍ଚାଇବା ଥିଲା ବିଜୁ ବାବୁଙ୍କ ଜୀବନର ଲକ୍ଷ୍ୟ ଥିଲା।



## ବଢୁଛି ଜିଲ୍ଲାର ମାଛ ଉତ୍ପାଦନ

# ଛୁଇଁଲାଣି ୨୭ ହଜାର ମେଟ୍ରିକ ଟନ୍

କଟକ,୧।୧(ସମିସ)



ଏବେ କଟକ ସହରକୁ ଦୈନିକ ୨୦ ଟନ୍ ମାଛ ଆମଦାନୀ ହେଉଛି । ସହରରେ ପ୍ରାୟ ୩୦ରୁ ଅଧିକ ମାଛ ଗୋଦାମ ରହିଛି। ତେବେ ପୂର୍ବରୁ ଯେତିକି ପରିମାଣରେ ଆନ୍ଧ୍ରପ୍ରଦେଶରୁ ମାଛ ଆମଦାନୀ ହେଉଥିଲା ତାହା ଏବେ ହ୍ରାସ ପାଇଛି। କାରଣ ଜିଲ୍ଲାରେ ମାଛ ଉତ୍ପାଦନ ପ୍ରତି ବର୍ଷ ବୃଦ୍ଧି ପାଇ ଚାଲିଛି। ମିଳିଥିବା ସୂଚନାନୁସାରେ ଜିଲ୍ଲାରେ ବର୍ଷକୁ ପ୍ରାୟ ୨୭ ହଜାର ମେଟ୍ରିକ ଟନ୍ ମଧୁର ଜଳ ମାଛ ଉତ୍ପାଦନ ହେଲାଣି। ହାତପାଆନ୍ତାରେ ପର୍ଯ୍ୟାପ୍ତ ଦେଶୀ ମାଛ ମିଳି ଯାଉଥିବା ହେତୁ ପୂର୍ବଭଳି ଆନ୍ଧ୍ର ଅବା ବାଲୁଗାଁରୁ ଆସୁଥିବା ମାଛର ଚାହିଦା ନ ଥିବା ଜଣାପଡ଼ିଛି। ଦେଶୀ ମାଛ କିଲୋ ପ୍ରତି ଏବେ ୨୦୦ରୁ ୨୫୦ଟଙ୍କାରେ ବିକ୍ରି ହେଉଥିବା ବେଳେ ଆନ୍ଧ୍ର ମାଛ କିଲୋ ୧୬୦ରୁ ୧୮୦ ଟଙ୍କା ରହିଛି। ଗୋଟିଏ ପଟରେ ଜିଲ୍ଲାରେ ବାର୍ଷିକ ହାରାହାରି ୩୨ ହଜାର ମେଟ୍ରିକ ଟନ ମାଛ ଆବଶ୍ୟକ ପଡୁଥିବା ଜଣାପଡ଼ିଛି। କାରଣ ୧୦ବର୍ଷ ପୂର୍ବରୁ ବାର୍ଷିକ ମୁଣ୍ଡ ପିଛା ମାଛ ବ୍ୟବହାର ପ୍ରାୟ ତିନି ଗୁଣା ବୃଦ୍ଧି ପାଇଛି। ସେହିପରି ୧୦ବର୍ଷ ପୂର୍ବରୁ ମାଛ ଉତ୍ପାଦନ ଜିଲ୍ଲାରେ ବାର୍ଷିକ ୧୦ହଜାର ଟନରେ ସୀମିତ ରହିଥିଲା ବେଳେ ଏବେ ଏହା ଅଢେଇ ଗୁଣା ବୃଦ୍ଧି ପାଇଥିବା ଜଣାପଡ଼ିଛି। ଅବଶ୍ୟ ଜିଲ୍ଲାରେ ମାଛ ଉତ୍ପାଦନ ନିଅଣ୍ଟିଆ ଥିବା ଜଣାପଡ଼ିଛି। କିନ୍ତୁ ମାଛ ଚାଷ ହେଉ ନ ଥିବା ଜଳରାଶି ତଥା ନଦୀ, ଜୋର ଆଦି ପ୍ରାକୃତିକ ଉତ୍ସରୁ ବି ୨ରୁ ୩ ହଜାର ଟନ ମାଛ ମିଳିଯାଇଥାଏ। ଏଣୁ ଦେଖିବାକୁ ଗଲେ ମାତ୍ର ୩ରୁ ୪ ହଜାର ଟନ ମାଛ ନିଅଣ୍ଟିଆ ପଡ଼ିଥାଏ। ଏହି ମାଛ ବାହାରୁ ଆମଦାନୀ ହୋଇଥାଏ। ଦେଶୀ ମାଛର ଉତ୍ପାଦନ ଅଧିକ ହେଉଥିବାରୁ ଆନ୍ଧ୍ର ମାଛର ଚାହିଦା ବିଗତ ତିନି ଚାରିବର୍ଷ ମଧ୍ୟରେ ଅହେତୁକ ହ୍ରାସ ପାଇଥିବା ବ୍ୟବସାୟୀମାନେ କୁହନ୍ତି। ଏପରିକି ଜିଲ୍ଲାରେ ପ୍ରାୟ ୨୦୦ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମଧ୍ୟ ମାଛ ଚାଷ କରିଆସୁଛନ୍ତି। ଜିଲ୍ଲାର ଆଠଗଡ଼, ନିଆଳି, ସଦର, କଣ୍ଟାପଡ଼ା ଆଦି ଅଞ୍ଚଳର ତଟକା ମାଛ ସହରକୁ ଆସୁଛି। କଟକର ଦେଶୀ ମାଛ ବଜାର କୁହାଯାଉଥିବା ଯୋବ୍ରା ବ୍ୟାରେଜ, ବିଶିନାବର, ଜଗତପୁର , ନରାଜ, ମୁଣ୍ଡଳି ଆଦି ପ୍ରମୁଖ ସ୍ଥାନରେ ଗ୍ରାହକଙ୍କ ଗହଳି ପରିଲକ୍ଷିତ ହୋଇଛି।

## ଖୁଚୁରା ବିକ୍ରେତାଙ୍କ ଆନ୍ଦୋଳନ




କଟକ,୧।୧(ସମିସ): ସର୍ବଭାରତୀୟ ଡିଲର୍ସ ଫେଡରେସନ ଆହ୍ୱାନରେ ଖୁଚୁରା ବିକ୍ରେତାଙ୍କ ବିଭିନ୍ନ ସମସ୍ୟା ସମାଧାନ ଓ ୧୬ ଦଫା ଦାବି ପୂରଣ ପାଇଁ ଆଜି ଠାରୁ ଆରମ୍ଭ ହୋଇଥିବା ସାମଗ୍ରୀ ଉଠାଣ, ବଣ୍ଟନ ବନ୍ଦ ସହ ଖୁଚୁରା ବିକ୍ରୟ କେନ୍ଦ୍ର ବନ୍ଦ ଓ ପିଓଏସ ମେସିନ ବନ୍ଦ ନିଷ୍ପତ୍ତି ଏବଂ ଦାବି ପୂରଣ ଯାଏଁ ଏହି ଆନ୍ଦୋଳନ ଚଳାଇ ରଖିବା ପାଇଁ କଟକ ରିଟେଲ ଡିଲର୍ସ ଆସୋସିଏସନ୍ ପକ୍ଷରୁ ଏକ ଶପଥ ପାଠ କାର୍ଯ୍ୟକ୍ରମ ସହିଦ ଭବନ ସ୍ଥିତ ମହାତ୍ମା ଗାନ୍ଧି ପ୍ରତିମୂର୍ତ୍ତି ନିକଟରେ କରାଯାଇଥିଲା। କଟକ ରିଟେଲ ଡିଲର୍ସ ଆସୋସିଏସନ୍ର କାର୍ଯ୍ୟକାରୀ ସଭାପତି ସୈୟଦ ଏକ୍ରାମ ହୁସେନଙ୍କ ନେତୃତ୍ୱରେ ଆସୋସିଏସନ୍ର ଉପସଭାପତି ପୀତବାସ ଜେଠୀ, ତାପସ ମହାନ୍ତି, ସଂଗଠନ ସମ୍ପାଦକ ଅଭିମନ୍ୟୁ ନାୟକ, ସହସମ୍ପାଦକ ବିଜୟ ସାହୁ, ବିନୟ ବୈଶାଖ, ଚନ୍ଦ୍ରମଣି ମହାରଣା, ପ୍ରେମ କୁମାର ସେନ, ୱାର୍ଡ ପ୍ରତିନିଧି ପ୍ରଶାନ୍ତ ଜେନା, ଶାରଦା ପ୍ରସନ୍ନ ମହାନ୍ତି ନଗେନ ସାହୁ, ରାକେଶ ସ୍ୱାଇଁ, ବୀରକିଶୋର ବେହେରା, ପ୍ରଦୀପ ବେହେରା, ରବିନାରାୟଣ ଦାସ, ଶମ୍ଭୁନାଥ ଦେ, ବାବୁଲି ମୁଦୁଲି, ଅଶୋକ ହାଲଦାର, ଇମରାନ ଖାଁ, ବିମଳ ସାହୁ, ଉତ୍ତମ ଦେ, ଗୌରଗୋପାଳ ପଟ୍ଟନାୟକ ସମେତ ଏକ ନମ୍ବର ୱାର୍ଡ ଠାରୁ ଆରମ୍ଭ କରି ୫୯ ନମ୍ବର ପର୍ଯ୍ୟନ୍ତ ୱାର୍ଡର ଶତାଧିକ ଖୁଚୁରା ବିକ୍ରେତା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଶପଥ ନେଇଥିଲେ। ସୂଚନାଯୋଗ୍ୟ ଯେ ଗତ କରୋନା ମହାମାରୀ ସମୟରୁ ଖୁଚୁରା ବିକ୍ରେତାଙ୍କ ୨୮ ମାସର ସାମଗ୍ରୀ ବଣ୍ଟନ ବାବଦ ପାରିଶ୍ରମିକ ଯୋଗାଣ ବିଭାଗ ଦେଉନାହିଁ। ସେହିପରି ଏବେକାର ସାମଗ୍ରୀ ବଣ୍ଟନ ବାବଦ ପାରିଶ୍ରମିକ, ସାମଗ୍ରୀ ବଣ୍ଟନର ୧୦ଦିନ ମଧ୍ୟରେ ଖୁଚୁରା ବିକ୍ରେତାଙ୍କୁ ଅର୍ଥ ପ୍ରଦାନ କରିବାର ସରକାରୀ ନିର୍ଦ୍ଦେଶ ମଧ୍ୟ ପାଳନ ହେଉନାହିଁ। ସାମଗ୍ରୀ ପହଞ୍ଚାଇବା ପାଇଁ ନିଯୁକ୍ତ ପରିବହନ ଠିକାଦାରଙ୍କ ମାପ ଓଜନରେ ବ୍ୟାପକ ବାଟମାରଣା ପ୍ରମାଣ ସତ୍ତ୍ୱେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା, ପ୍ରତ୍ୟେକ ପଡ଼ିକାର୍ଡରେ ରିଆତି ମୂଲ୍ୟରେ ଚିନି, ଖାଇବା ତେଲ, ଡାଲି ଭଳି ଅତ୍ୟାବଶ୍ୟକ ସାମଗ୍ରୀ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଯୋଗାଇଦେବା ସହ ଖୁଚୁରା ବିକ୍ରେତାଙ୍କ ମାସିକ ଆୟ ୫୦ ହଜାର ସୁନିଶ୍ଚିତ କରିବା ଆଦି ୧୬ ଦଫା ଦାବି ନେଇ ଏହି ପ୍ରତିବାଦ ଓ ଖୁଚୁରା ବିକ୍ରୟ କେନ୍ଦ୍ର ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ଓଡ଼ିଶା ଅମଲା ସଂଘ କଟକ ଜିଲ୍ଲା ଶାଖାର କ୍ୟାଲେଣ୍ଡର ଉନ୍ମୋଚିତ

କଟକ,୧।୧(ସମିସ): ଓଡ଼ିଶା ଅମଲା ସଂଘ କଟକ ଜିଲ୍ଲା ଶାଖାର କ୍ୟାଲେଣ୍ଡର -୨୦୨୪ ଉନ୍ମୋଚିତ ହୋଇଯାଇଛି। ଏସସିବି ଷ୍ଟାଫ୍ କମିଟି ସଭା ଗୃହରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଉପଦେଷ୍ଟା ହୃଦୟ ବିହାରୀ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଭାପତି ବିଭୂତି ଭୂଷଣ ମିଶ୍ର, ସମ୍ପାଦକ ଅଜୟ ଜେନା, କାର୍ଯ୍ୟକାରୀ ସଭାପତି ଲଳିତମୋହନ ଶତପଥୀ, ଅଧ୍ୟକ୍ଷ ବିରଞ୍ଚି ନାରାୟଣ ବରାଳ, ଗୁରୁ ଗୋବିନ୍ଦ ଦଳାଇ, ଶୁଭେନ୍ଦୁ ପାଣି, ସୁନାକର ମଲ୍ଲିକ, ଚିତ୍ତରଞ୍ଜନ ପଟ୍ଟନାୟକ, ଅମ୍ବିକା ପ୍ରସାଦ ଦାସ ଅତିଥିଭାବେ ଯୋଗଦାନ କରିଥିଲେ।

## ଧାନ ଗବେଷଣା ଅନୁଷ୍ଠାନରେ ନବବର୍ଷ

କଟକ,୧।୧(ସମିସ): ଆଇସିଆର-ଜାତୀୟ ଧାନ ଗବେଷଣା ଅନୁଷ୍ଠାନରେ ନବବର୍ଷ ପାଳନ କରାଯାଇଛି। ନୂତନ ବର୍ଷକୁ ସ୍ୱାଗତ କରିବା ପାଇଁ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକର ନିର୍ଦ୍ଦେଶକ ଡା ଅମରେଶ ନାୟକ ଯୋଗଦେଇ ୨୦୨୩ ମସିହାରେ ଅନୁଷ୍ଠାନର ଉଲ୍ଲେଖନୀୟ ସଫଳତା ଗୁଡ଼ିକ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ମୁଖ୍ୟମାନେ ଓ ଭି ଗଣେଶ କୁମାର ଯୋଗଦେଇଥିଲେ। ରିଷି କାନ୍ତ ସିଂ ଧନ୍ୟବାଦ ଦେଇଥିଲେ। ଉପରୋକ୍ତ କାର୍ଯ୍ୟକ୍ରମ ବ୍ୟତିତ ଫିଟ୍ ଇଣ୍ଡିଆ ସଚେତନତା ଅଭିଯାନର ଏକ ଅଂଶ ଭାବରେ ଖେଳ ପଡ଼ିଆରେ କର୍ମଚାରୀଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଆୟୋଜିତ ହୋଇଥିଲା।

## ରାଜ୍ୟସ୍ତରୀୟ ଯୋଗ ସଞ୍ଜୀବନୀ ସାହିତ୍ୟ କର୍ମଶାଳା




କଟକ,୧।୧(ସମିସ): କୈବଲ୍ୟ ସାହିତ୍ୟ ସଂସଦ ତରଫରୁ ରାଜ୍ୟସ୍ତରୀୟ ଯୋଗ ସଞ୍ଜୀବନୀ ସାହିତ୍ୟ କର୍ମଶାଳା ଏବଂ ନବବର୍ଷ ସ୍ୱାଗତ ଉତ୍ସବ ବଖରାବାଦସ୍ଥିତ ଗାନ୍ଧୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଜିଲ୍ଲାରୁ କବି, କବୟିତ୍ରୀ, ସମାଜସେବୀ, ଯୋଗଗୁରୁ, ଶିକ୍ଷାବିତ୍ ଏବଂ ଡାକ୍ତର ଯୋଗଦାନ କରିଥିଲେ। ଦୁଇଟି ଅଧିବେଶନରେ ରାଜ୍ୟସ୍ତରୀୟ କବିତା ପାଠ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଯୋଗଗୁରୁଙ୍କ ଦ୍ୱାରା ବିଭିନ୍ନ ମୁଦ୍ରା ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉଦଘାଟକ ନ୍ୟାୟାଧିଶ ରତିକାନ୍ତ ମହାପାତ୍ର ଯୋଗ ବ୍ୟକ୍ତିର ବୌଦ୍ଧିକ ଚେତନା ବୃଦ୍ଧିରେ ସହାୟକ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଯୋଗ ବିଭାଗର ଗବେଷକ ଡ. ସତ୍ୟ ନାରାୟଣ ମିଶ୍ର ଯୋଗଦେଇ ଯୋଗ ନିରୋଗ ସମାଜ ଗଠନର ମହୋଷଧି ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ ଯୋଗଦେଇ ଯୋଗର ସଞ୍ଜୀବନୀ ଉପଚାର ବିଧି ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ବକ୍ତା ଭାବେ କଟକ ଜିଲ୍ଲା ପତଞ୍ଜଳି ଯୋଗ ସମିତିର ସହ ପ୍ରଭାରୀ କିଶୋର ସାଗର, ସାଇ ତ୍ରିନାଥ ଯୋଗ ସମିତି ସମ୍ପାଦିକା ସାଗରିକା ଜେନା ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଡ. ଯୁଧିଷ୍ଠିର ଖଟୁଆ, ସାହିତ୍ୟିକ ବିଶ୍ୱଜିତ୍ ସୂର୍ଯ୍ୟବଂଶୀ, ସର୍ବୋଦୟ ମଣ୍ଡଳ ସଭାପତି ଡ. ଦିପାୟନ ପଟ୍ଟନାୟକ, ଶାନ୍ତି କମିଟି ଯୁଗ୍ମ ସମ୍ପାଦକ ଲଳିତେନ୍ଦୁ ପଲାଉରି, ବରିଷ୍ଠ ସ୍ତମ୍ଭକାର ଡାକ୍ତର ବସନ୍ତ ଷଡଙ୍ଗୀ, ରାଜୀବ ଷଡଙ୍ଗୀ, ସନ୍ତୋଷ ପଣ୍ଡା, ମନୋରମା ଦାଶ, ଛବିରାମ ସେଠୀ ଏବଂ ଡାକ୍ତର ବୀର କିଶୋର ପରିଡ଼ା ଯୋଗଦେଇ ଯୋଗକୁ ସବୁ ଶ୍ରେଣୀର ସାହିତ୍ୟ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କର୍ମଶାଳାରେ ଓଡ଼ିଶା ସଞ୍ଜୀବନୀ ସେବା ସମ୍ମାନ ଏବଂ ଓଡ଼ିଶା କବି ସଞ୍ଜୀବନୀ ସମ୍ମାନ ବହୁ ପ୍ରତିଭାଙ୍କୁ ପ୍ରଦାନ କରାଯାଇଥିଲା। କବି ଅଜୟ ପଣ୍ଡାଙ୍କ "ଅରୁଣିମା କବିତା ସଙ୍କଳନ'ର ଉନ୍ମୋଚନ କରାଯାଇଥିଲା। କବି ନିକୁଞ୍ଜ କୁମାର ଘୋଷ, ଡ. ବସନ୍ତ କୁମାରୀ ନନ୍ଦ, କବୟିତ୍ରୀ ତପସ୍ୱିନୀ ଶାନ୍ତି, କବୟିତ୍ରୀ ଉତ୍କଳିନୀ ରାଉତ, କବି ଆଶୁତୋଷ ଦେବୀପ୍ରସାଦ ରାଉତ ଏବଂ କବୟିତ୍ରୀ ସୁରଭି ଦ୍ୱିବେଦୀ କବିତା ସଂଯାଜନା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଓ ସମ୍ପାଦକ ଡ.ସଂଗ୍ରାମ କେଶରୀ ସାମନ୍ତରାୟ ସଭାପତିତ୍ୱ କରିଥିଲେ। କବି ଶୁଭବ୍ରତ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

## ରାମକୃଷ୍ଣ କୁଟୀରରେ କଳ୍ପତରୁ ଉତ୍ସବ




କଟକ,୧।୧(ସମିସ): ଶ୍ରୀରାମକୃଷ୍ଣ ପରମହଂସ ଦେବଙ୍କ ୧୨୧ତମ କଳ୍ପତରୁ ଉତ୍ସବ ବଙ୍ଗାଳୀ ସାହିସ୍ଥିତ ରାମକୃଷ୍ଣ କୁଟୀରରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଧାତ୍ମିକ ସଭାକୁ ପ୍ରଜ୍ଞାନ ମିଶନର ସ୍ୱାମୀ ଅନିର୍ବାଣାନନ୍ଦଜୀ ମହାରାଜ ଉଦଘାଟନ କରି ନିରବଚ୍ଛିନ୍ନ ସାଧନା ଦ୍ୱାରା ନିଜର ତଥା ସମାଜର କଲ୍ୟାଣ କରାଯାଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ମନୋଜ ମହାପାତ୍ର ଯୋଗଦେଇ ସମାଜ ଉପରେ ରାମକୃଷ୍ଣଙ୍କ ବାଣୀର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ ଡଃ ଗୌତମ ମହାରଣାଙ୍କୁ ବିଷ୍ଣୁଚରଣ ଜେନା ଶିକ୍ଷକ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। କୁଟୀରର ସ୍ଥାୟୀ ସଭାପତି ପଦ୍ମନାଭ ସାମଲଙ୍କ ପୌରୋହିତ୍ୟରେ ଉପସଭାପତି ଡ. ସତ୍ୟ ରାୟ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସହସମ୍ପାଦକ ଭୁବନାନନ୍ଦ ମହାନ୍ତି ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ତତ୍ତ୍ୱାବଧାରକ ସୁଭାଷ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୋକୁଳାନନ୍ଦ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କୁଟୀରର ସହତତ୍ତ୍ୱାବଧାରକ ଲକ୍ଷ୍ମୀନାରାୟଣ ଦାଶ ଧନ୍ୟବାଦ ଦେଇଥିଲେ।ଏହି ଦୁଇ ଦିବସୀୟ ଉତ୍ସବର ପ୍ରଥମ ଦିନ ୩୧ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ଅଧିବାସ କୀର୍ତ୍ତନକୁ ସଭାପତି ପଦ୍ମନାଭ ସାମଲ ଓ ୧ ତାରିଖ ପୂର୍ବାହ୍ନରେ ହୋଇଥିବା ପୂଜା, ଗ୍ରନ୍ଥପାଠ ଓ ଭଜନ ସମାରୋହକୁ ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ।

## ଏସ୍‌ଏଚ୍‌ଜି ପଣ୍ଡା କ୍ୟାନ୍ସର ହସ୍ପିଟାଲ୍‌ରେ ନବବର୍ଷ



କଟକ,୧।୧(ସମିସ): ତେଲେଙ୍ଗାପେଣ୍ଠସ୍ଥିତ ଏଚ୍ଜିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲରେ ଇଂରାଜୀ ନବବର୍ଷ ୨୦୨୪ ପାଳିତ ହୋଇଯାଇଛି। ଏଥିରେ ହସ୍ପିଟାଲ୍ର ନିର୍ଦ୍ଦେଶକ ପ୍ରଫେସର ଡାକ୍ତର କୃପାସିନ୍ଧୁ ପଣ୍ଡା କର୍କଟ ରୋଗ ଏବଂ ଏହାର ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ। ସେହିପରି ହସ୍ପିଟାଲ ପକ୍ଷରୁ ଡାକ୍ତର ରଣଜିତ କର, ଡ.ପ୍ରଶାନ୍ତ ପରିଡ଼ା, ଶାନ୍ତନୁ ଦାସ (ସିଓଓ, ଏଚ୍ଜିଜି ପଣ୍ଡା କ୍ୟାନସର ହସ୍ପିଟାଲ), ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ.ସୁବ୍ରାହମ୍ ପାନି, ଡ.ସିଦ୍ଧାର୍ଥ ପଟ୍ଟନାୟକ, ଡ. ଗୋପାଳ ମହାନ୍ତି, ଡ.ସୁଶାନ୍ତ ପାଇକରାୟ, ଡ.ଜ୍ୟୋତି ପ୍ରକାଶ ସାମଲଙ୍କ ସମେତ ଅନ୍ୟାନ୍ୟ ଡାକ୍ତର, ହସ୍ପିଟାଲ ଷ୍ଟାଫ ଏହି କାର୍ଯ୍ୟକ୍ରମରେ ସେମାନଙ୍କର ମୂଲ୍ୟବାନ ମନ୍ତବ୍ୟ ଦେଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ହସ୍ପିଟାଲରେ ପ୍ରତ୍ୟେକ ବର୍ଷ କାର୍ଯ୍ୟକ୍ରମ ପାଳନ କରାଯାଇ କର୍କଟ ରୋଗ ଜନିତ ଚେତାବନୀ ସହିତ ନିରାକରଣ ଇତ୍ୟାଦି ବିଷୟରେ ସଚେତନତା କରାଯାଇଥାଏ।

### ନୂଆ ବର୍ଷରେ ସିଏମସିର ନୂତନ ପଦକ୍ଷେପ

## ଦଶମ ଛାତ୍ରଛାତ୍ରୀଙ୍କୁ ରିଭିଜନ କରାଇବେ ଶିକ୍ଷକ

କଟକ,୧।୧(ସମିସ): କଟକ ସହରର ସମସ୍ତ '୫-ଟି' ସ୍ମାର୍ଟ ହାଇସ୍କୁଲରେ ଶିକ୍ଷକମାନେ ଏକ ମାସ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ଉତ୍ସର୍ଗ କରିବେ। ଆସନ୍ତା ଫେବୃଆରୀ ୨୦ ତାରିଖଠାରୁ ମାଟ୍ରିକ ପରୀକ୍ଷା ଥିବାରୁ ଛାତ୍ରଛାତ୍ରୀଙ୍କ ବିଭିନ୍ନ ବିଷୟକୁ ନେଇ ଶିକ୍ଷକମାନେ ରିଭିଜନ କରିବେ। ଜାନୁଆରୀ ୮ ତାରିଖ ଠାରୁ ଫେବୃଆରୀ ୮ ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ପ୍ରଧାନଶିକ୍ଷକ ଏବଂ ଶ୍ରେଣୀ ଶିକ୍ଷକ ଏହି ରିଭିଜନ କ୍ଲାସ କରିବେ। କଟକ ସହରରେ ଥିବା ସରକାରୀ ସ୍କୁଲରେ କିଭଳି ଭଲ ପରୀକ୍ଷା ଫଳ ହେବ, ସେଥିପାଇଁ ଏଭଳି ପଦକ୍ଷେପ ନେଇଛି କଟକ ମହାନଗର (ସିଏମସି)। ଆସନ୍ତା ଜାନୁଆରୀ ୮ ତାରିଖରେ ଏ ସଂକ୍ରାନ୍ତରେ ଏକ ଉଚ୍ଚସ୍ତରୀୟ ବୈଠକ ସିଏମସି ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଏଥିରେ କମିସନର ନିଖିଳ ପୱନ କଲ୍ୟାଣ, ଜିଲ୍ଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ସମେତ ୬୫ଟି ସ୍ମାର୍ଟ ହାଇସ୍କୁଲର ପ୍ରଧାନଶିକ୍ଷକମାନେ ଯୋଗଦେବେ ବୋଲି ମେୟର ଶ୍ରୀ ସିଂହ ସୂଚନା ଦେଇଛନ୍ତି।

## ନୂତନ ବର୍ଷର ଶୁଭେଚ୍ଛା ଜଣାଇଲେ ବିଧାୟକ

କଟକ,୧।୧(ସମିସ): ନୂତନ ବର୍ଷ ଅବସରରେ ବାରବାଟୀ କଟକ ବିଧାୟକ ଇଂ ମହମ୍ମଦ ମୋକିମ ତାଙ୍କ ଆବାସିକ କାର୍ଯ୍ୟାଳୟରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ବିଶିଷ୍ଟ ବ୍ୟକ୍ତି ବିଶେଷ, ବିଭିନ୍ନ ସାହିବସ୍ତି ପୂଜା କମିଟିର କର୍ମକର୍ତ୍ତା, ସିଏମସି ବିଭାଗୀୟ ଅଧିକାରୀ, ମୁରବୀଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି, ରାଜନୈତିକ ଦଳର କାର୍ଯ୍ୟକର୍ତ୍ତାଙ୍କୁ ଭବ୍ୟ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଗୋବିନ୍ଦ ଭୂୟାଁ, ଗିରିବାଳା ବେହେରା, ଶୈଳବାଳା ଜେନା, ନିକୁଞ୍ଜ ପସାୟତ, କର୍ପୋରେଟର ସନ୍ତୋଷ ଭୋଳ, ସୁବାଶିଷ ପଟ୍ଟନାୟକ, ଲିଜା ରାଉତ, ଭାନୁ ସେନାପତି, ସ୍ୱର୍ଣ୍ଣପ୍ରଭା ପସାୟତ, ବଟକୃଷ୍ଣ ସାହୁ, ଶରତ ଚନ୍ଦ୍ର ଶେଠୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## କଟକରେ ସଡ଼କ ସୁରକ୍ଷା ରଥର ଶୁଭାରମ୍ଭ

କଟକ,୧।୧(ସମିସ): ଚଳିତ ଜାନୁଆରୀ ୧ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ କଟକରେ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ଅମୂଲ୍ୟ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଥିବା ବେଳେ କଟକ ଜିଲ୍ଲାରେ ରାଜ୍ୟ ପରିବହନ ବିଭାଗର ନୀତି ନିୟମ ଅନୁପାଳନ ପୂର୍ବକ ଆଇନ କାର୍ଯ୍ୟକାରୀ କରାଯାଉଛି। ବିଶେଷକରି ଆଇନ ଉଲଂଘନକାରୀଙ୍କ କ୍ଷେତ୍ରରେ କଡ଼ାକଡ଼ି ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ସମ୍ବୋଧନ କରି ଜିଲ୍ଲାପାଳ ନରହରି ସେଠୀ ସହର ପରିଭ୍ରମଣ ନିମନ୍ତେ ଏକ ସଡ଼କ ସୁରକ୍ଷା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲାପରିଷଦ ସୁବାସ ଚନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଇଂ ସଞ୍ଜୟ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏମ୍ଭିଆଇ ବିଶ୍ୱଜିତ୍ ଦାଶଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ସମ୍ବର୍ଦ୍ଧନା



କଟକ,୧।୧(ସମିସ): ସମ୍ବାଦପତ୍ର ବିକ୍ରେତା ସଂଘର କର୍ମକର୍ତ୍ତା ମାନେ କଟକ ସକାଳ କାର୍ଯ୍ୟାଳୟରେ ପହଞ୍ଚି କଟକ ବ୍ୟୁରୋ ଚିଫ୍ ଭକ୍ତିଭୂଷଣ ମହାନ୍ତିଙ୍କୁ ଭେଟି ଆଲୋଚନା କରିବା ସହ ପୁଷ୍ପଗୁଚ୍ଛ ଦେଇ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। ସମ୍ବାଦପତ୍ର ବିକ୍ରେତା ସଂଘର ଉପସଭାପତି ପିତାମ୍ବର ବେହେରା, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ମିଡିଆ ସେଲର ପ୍ରଭାସ ପ୍ରଧାନ, କମିଟିସଭ୍ୟ ମନୋଜ ପାଲ, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ୧୯୯୫ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ



କଟକ,୧।୧(ସମିସ): ଭୁବନେଶ୍ୱର ଟଙ୍କପାଣିରୋଡ ସ୍ଥିତ ଆଇବିଏଲ ହାଉସରେ ପୋର୍ଟ ଟ୍ରଷ୍ଟ ହାଇସ୍କୁଲର ୧୯୯୫ ମସିହା ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟବ୍ୟସ୍ତତା ମଧ୍ୟରେ ସମସ୍ତ ପୁରାତନ ଛାତ୍ରଛାତ୍ରୀମାନେ ଏକାଠି ହୋଇ ସେ ସମୟର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ମଧ୍ୟ ଏଭଳି ବନ୍ଧୁମିଳନ ଆସର ଜାରି ରହିବ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ଏହି ବନ୍ଧୁମିଳନରେ ୧୯୯୫ ବ୍ୟାଚର ୭୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

### ମନ୍ଦିରରେ ନୂଆ ବର୍ଷ ଗହଳି

## ମିଠା ଓ ଫୁଲର ଚାହିଦା

କଟକ,୧।୧(ସମିସ)

ବର୍ଷ ୨୦୨୩କୁ ବିଦାୟ ଦେଇ କଟକବାସୀ ସୋମବାର ୨୦୨୪କୁ ସ୍ୱାଗତ କରିଛନ୍ତି। ନୂଆବର୍ଷ ପାଇଁ ଆଜି ସହରର ପ୍ରମୁଖ ଦେବସ୍ଥଳୀ ଗୁଡିକରେ ଅସମ୍ଭବ ଗହଳି ହୋଇଥିଲା। ସକାଳୁ ସକାଳୁ ଶ୍ରଦ୍ଧାଳୁ ମାନେ ମନ୍ଦିରରେ ଦୀପଦାନ କରିଥିଲେ। ନୂତନ ବର୍ଷ ପାଇଁ କଟକ ଚଣ୍ଡୀ ମନ୍ଦିର ଫୁଲରେ ସଜେଇ ହୋଇଥିଲା। ଏଠାରେ ସଂଧ୍ୟା ଆଳତୀ ଦର୍ଶନ ପାଇଁ ମଧ୍ୟ ଗହଳି ଲାଗିରହିଥିଲା। ସେହିପରି ସହରର ପ୍ରସିଦ୍ଧ ଶୈବପୀଠ ଅମରେଶ୍ୱର ମନ୍ଦିର, ଗଡ଼ଗଡେଶ୍ୱର ମନ୍ଦିର, ଚାନ୍ଦିନୀଚୌକ ଓ ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର ସହ ଖପୁରିଆ ପଞ୍ଚମୁଖୀ ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଉଛୁଳିଥିଲା। ନୂଆ ବର୍ଷରେ ମିଠା ଓ ଫୁଲ ଚାହିଦା ଅଧିକ ରହିଥିଲା। ସହରର ବିଭିନ୍ନ ଦଳର ନେତାଙ୍କ ଘରେ ବି ଆଜି ଅଭିନନ୍ଦନ ଜଣାଇବାକୁ ଭିଡ ପରିଲକ୍ଷିତ ହୋଇଛି। କଟକ ମେୟର ସୁବାସ ସିଂହ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ପ୍ରାକ୍ତନ ବିଧାୟକ ପ୍ରଭାତ ବିଶ୍ୱାଳ, ବାରବାଟୀ-କଟକ ବିଧାୟକ ଇଂ ମହମ୍ମଦ ମୋକିମ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ଘରେ ଲାଗିରହିଥିଲା କର୍ମୀଙ୍କ ଭିଡ। ସେହିପରି ସରକାରୀ ଅଫିସ ଖୋଲାଥିବାରୁ କର୍ମଚାରୀ ସଂଘ ଗୁଡିକ ପକ୍ଷରୁ ସମ୍ପୃକ୍ତ କାର୍ଯ୍ୟାଳୟର ଅଧିକାରୀଙ୍କୁ ଫୁଲତୋଡା ଦେଇ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ନୂଆ ବର୍ଷ ଅବସରରେ ସାହି ବସ୍ତି ଓ କ୍ଲବ ମାନଙ୍କରେ ଭୋଜିଭାତର ଆସର ଜମିଥିଲା ବେଳେ ବିଭିନ୍ନ ଅନୁଷ୍ଠାନ ଆୟୋଜନ କରିଥିଲେ ବନ୍ଧୁମିଳନର ପର୍ବ।



## ଆଖି ବୁଜିଦେଇଛି ପୌର ପ୍ରଶାସନ

# ରାସ୍ତାକଡ଼ରେ କୁଢ଼କୁଢ଼ ଅଳିଆ; ତେଜୁଛି ଅସନ୍ତୋଷ

ଚୌଦ୍ୱାର,୧।୧(ସମିସ):



ଚୌଦ୍ୱାର ପୌରପାଳିକା ୧୭ନମ୍ବର ୱାଡର୍ ନୂଆସାହିରେ ଥିବା ମଳ ପଙ୍କ ବିଶୋଧନାଗାର ସମ୍ମୁଖ ରାସ୍ତା କଡ଼ରେ କୁଢ଼ କୁଢ଼ ଅଳିଆ ଆର୍ବଜନା ଜମାହୋଇ ରହିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି ହୋଇଛି। ଅଳିଆ ଆର୍ବଜନା ଦୀର୍ଘଦିନ ଧରି ଜମା ହୋଇ ରହିବା ଯୋଗୁଁ ସର୍ବସାଧାରଣଙ୍କ ଯାତାୟତରେ ସମସ୍ୟା ଉପୁଜିଛି। ଏଥି ସହ ସମଗ୍ର ଅଞ୍ଚଳ ପ୍ରଦୂଷିତ ହେବାରେ ଲାଗିଲାଣି। ପ୍ରକାଶଯୋଗ୍ୟ ଯେ, ପୌରପାଳିକାର ବିଭିନ୍ନ ୱାଡର୍‌ର ଅଳିଆ ଆବର୍ଜନା ପରିଚାଳନା ପାଇଁ ନୂଆସାହିରେ ଏକ ମଳ ପଙ୍କ ବିଶୋଧନ ଓ ଖତ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ପୌରପାଳିକା ତରଫରୁ ମଳବୁହା ଗାଡ଼ି ଓ ଅଳିଆ ଗାଡ଼ିରେ ବର୍ଜ୍ୟବସ୍ତୁକୁ ଉକ୍ତ କେନ୍ଦ୍ରକୁ ନିଆ ଯାଇଥାଏ। ହେଲେ ଉକ୍ତ କେନ୍ଦ୍ରଟିରେ ଏସବୁ ବର୍ଜ୍ୟବସ୍ତୁ ରଖିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ ନ ଥିବାରୁ ସଫେଇ କର୍ମଚାରୀମାନେ ବିଭିନ୍ନ ୱାଡର୍‌ରୁ ଆଣୁଥିବା ବର୍ଜ୍ୟବସ୍ତୁକୁ ମଳ ପଙ୍କ ବିଶୋଧନ କେନ୍ଦ୍ର ସମ୍ମୁଖ ରାସ୍ତା କଡ଼ରେ ଢ଼ାଳି ଦେଉଛନ୍ତି। ରାସ୍ତାକଡ଼ରେ ଜମାହୋଇ ରହୁଥିବା ପ୍ଲାଷ୍ଟିକ ଜରି, ବୋତଲ ଆଦି ସହିତ ଯାବତୀୟ ବର୍ଜ୍ୟବସ୍ତୁ ଏବେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷର କାରଣ ସାଜିଛି। ରାସ୍ତା କଡ଼ରେ ଜମା ହୋଇଥିବା ଅବର୍ଜନା ହଟାଇବାକୁ ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ପୌର କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ହେଁ ପୌରପାଳିକା ତରଫରୁ ଅଳିଆ ହଟାଇବା ଦିଗରେ କୌଣସି ପଦକ୍ଷେପ ନିଆ ଯାଉ ନ ଥିବା ଅଭିଯୋଗ ଉଠିଛି। ପୌରପାଳିକାର ଏଭଳି ବେପରୱା ମନୋଭାବ ହେତୁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ୱାଡର୍‌ବାସୀ ଚେତାବନୀ ଦେଇଛନ୍ତି।

## ନାତିର ମୃତ୍ୟୁ ଖବର ଶୁଣି ଜେଜେ ମୃତ

ସାଲେପୁର,୧।୧(ସମିସ): ସାଲେପୁର ବ୍ଲକ୍ ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଛି। ନାତିର ମୃତ୍ୟୁ ଖବର ପାଇ ଜେଜେ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ଉକ୍ତ ଘଟଣା ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳାଇଦେଇଛି। ଏଭଳି ହୃଦୟ ବିଦାରକ ଘଟଣା ଘଟିଛି ସାଲେପୁର ବ୍ଲକ୍ ଅନ୍ତର୍ଗତ ରାମେଶ୍ୱର ପଞ୍ଚାୟତ ବଡ଼ ଭୀମରାଜପୁର ଗ୍ରାମରେ। ବଡ଼ ଭୀମରାଜପୁର ଗ୍ରାମର ସେକ୍ ଆଜାଦ୍ ମହମ୍ମଦ (୨୫) କୋରାପୁଟର ପଟାଙ୍ଗୀ ଗାଲିଗାବଦର ଜଳପ୍ରପାତକୁ ସାଙ୍ଗମାନଙ୍କ ସହ ବୁଲିଯାଇଥିଲେ। ହେଲେ ଗତ ୨୭ ଡିସେମ୍ବରରେ ପାହାଡ଼ ଉପରୁ ଖସିପଡିଥିଲେ ଆଜଦ। ଫଳରେ ସେ ମୃତ୍ୟୁବରଣ କରିଥିଲେ। ପୁଲିସ ଏ ବିଷୟରେ ସୂଚନା ପାଇ ସେଠାରେ ପହଞ୍ଚି ଆଜାଦଙ୍କ ମୃତଦେହକୁ ଉଦ୍ଧାର କରି ତାଙ୍କ ଘର ବଡ଼ଭୀମରାଜପୁର ଗ୍ରାମକୁ ପଠାଇଥିଲା। ତାଙ୍କର ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଦୁଃଖରେ ମିୟମ୍ରାଣ ହୋଇପଡ଼ିଥିଲେ ଜେଜେ ସେକ୍ ଅକିଲ୍ ମହମ୍ମଦ। କିଛି ସମୟ ପରେ ଜେଜେ ମଧ୍ୟ ଟଳି ପଡ଼ିଥିଲେ। ଏକ ସଙ୍ଗରେ ଉଭୟଙ୍କ ମୃତଦେହକୁ କବର ଦିଆଯାଇଛି। ଏହି ଦୁଃଖଦ ଖବର ପାଇ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନ ବିଧାୟକ ପ୍ରକାଶ ବେହେରା ମୃତକଙ୍କ ପରିବାର ନିକଟରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ସାନ୍ତ୍ୱନା ଦେଇଛନ୍ତି।

## ବଲ୍ଲଭୀଦେବୀ ମହିଳା କଲେଜର ବାର୍ଷିକ ଉତ୍ସବ



ନିଶ୍ଚିନ୍ତକୋଇଲି,୧।୧(ସମିସ): ନଟକାଇ ପଞ୍ଚାୟତ ବାଣୀନଗର ଠାରେ ଥିବା ବଲ୍ଲଭୀଦେବୀ ମାଧ୍ୟମିକ ବିଦ୍ୟାଳୟ ଓ ଡ଼ିଗ୍ରୀ ମହିଳା ମହାବିଦ୍ୟାଳୟ ସମୂହର ବାର୍ଷିକ ଉତ୍ସବ ଏବଂ ଯୁବ ଓଡ଼ିଶା ନବୀନ ଓଡ଼ିଶାର ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଡିଗ୍ରୀ କଲେଜ ଅଧ୍ୟକ୍ଷା ଡ. ପୁଷ୍ପିତା ଜେନାଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ଶକ୍ତି, ଶିଳ୍ପ, ଲଘୁ, ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ମୁଖ୍ୟବକ୍ତା ଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ଅଧ୍ୟୟନରତ ଛାତ୍ରୀମାନେ ଯେଭଳି ସମସ୍ତ ସମସ୍ୟାର ମୁକାବିଲା କରିପାରିବେ ସେଥିପାଇଁ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଚଳଚ୍ଚିତ୍ର ନିଗମ ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ସରପଞ୍ଚ ଜୟଦେବ ରାଉତ, ସମିତିସଭ୍ୟା ସରସ୍ୱତୀ ରାଉତ ପ୍ରମୁଖ ଯୋଗଦେଇଥିଲେ। ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ନିବେଦିତା ଦାସ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲା ବେଳେ ଅଧ୍ୟାପକ ସୂର୍ଯ୍ୟମଣୀ ସ୍ୱାଇଁ, ସୁବ୍ରତ ସ୍ୱାଇଁ, ସୁବାଶିଷ ଦାସ, ଅଧ୍ୟାପିକା ସୁପ୍ରଭା ଜେନା, ପ୍ରଭାତୀ ଭୂୟାଁ, ଜୟନ୍ତୀ ସାହୁ, ଅଶୋକ ରାଉତ, ବଟକୃଷ୍ଣ ରାଉତ, ସୁଧାଂଶୁ ବେଜ, ଜ୍ୟୋତିରଞ୍ଜନ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପିକା ରିତା ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



ଟାଙ୍ଗୀ,୧।୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସାଂସ୍କୃତିକ ପ୍ରତିଯୋଗିତା ଅଧ୍ୟକ୍ଷ ଡ.ସଚ୍ଚିଦାନନ୍ଦ ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୋଲୋ, ଦଳଗତ ନୃତ୍ୟ, ଝୋଟି, ଚିତ୍ରାଙ୍କନ, ପାରମ୍ପରିକ ଖାଦ୍ୟ, ରଚନା, ଗୀତ, ଚିତା, ମ୍ୟୁଜିକ ଚେୟାର, ଏକାଙ୍କିକା, କୌତୁହଳ ପୋଷାକ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନେ ସାଲେପୁର ଠାରେ ହୋଇଥିବା ମଣ୍ଡଳସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିବା ଜଣାପଡିଛି। କଲେଜର ସାଂସ୍କୃତିକ ଅଧିକାରୀ ଶୀତରଶ୍ମୀ ଖୁଣ୍ଟିଆ ତତ୍ତ୍ୱବଧାନରେ ହୋଇଥିଲାବେଳେ ନୋଡାଲ ଅଧିକାରୀ ପ୍ରଦ୍ୟୁମ୍ନ ମିଶ୍ର ଓ ଅନ୍ୟ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ନବବର୍ଷ ଉପଲକ୍ଷେ କବିତା ପାଠୋତ୍ସବ

ସାଲେପୁର,୧।୧(ସମିସ): ସାଲେପୁର ସାରସ୍ୱତ ସମାରୋହ ସମିତିର ନୂତନ ବର୍ଷକୁ ସ୍ୱାଗତ ଓ ପୁରାତନ ବର୍ଷକୁ ବିଦାୟ ଜଣାଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସାରସ୍ୱତ ସମାରୋହ ସମିତିର ସଭାପତି ଅକ୍ଷୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ଡ. ଆଶୁତୋଷ ପରିଡ଼ାଙ୍କୁ ସାରସ୍ୱତ ସମାରୋହ ସମ୍ମାନ-୨୦୨୩ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଡ. ଶତ୍ରୁଘ୍ନ ପାଣ୍ଡବ ଯୋଗଦେଇଥିଲେ। ଡ. ଗିରୀଶ ସାହୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଅନୁଷ୍ଠାନର ସଂପାଦକ ବିଷ୍ଣୁଚରଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଶାସକ ତଥା କବି ସଚ୍ଚିଦାନନ୍ଦ ବେହେରାଙ୍କ ସଂଯୋଜନାରେ କବିତା ପାଠୋତ୍ସବରେ କବି ଦୟାନିଧି ସାହୁ ଶ୍ରୀଜଗନ୍ନାଥଙ୍କ ଭଜନ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ଡ. ତରୁଲତା ଦେବୀ, ଡ. ପୂର୍ଣ୍ଣଚନ୍ଦ୍ର ଓଝା, ଡ. ନିଖିଳେଶ ମହାନ୍ତି, ଆରିଫ୍ କଟ୍‌କି, ରଞ୍ଜନ ବେହେରା, ଦେବେନ୍ଦ୍ର ନାୟକ, ନିଶିଗନ୍ଧା ପ୍ରିୟଦର୍ଶିନୀ, ପ୍ରବୀର ଚନ୍ଦ୍ର ଦାସ, ଗୀତାଞ୍ଜଳି ଭୂୟାଁ, ସୁଲୋଚନା ମଲ୍ଲିକ, ପୂର୍ବତନ ପ୍ରଧାନଶିକ୍ଷକ ବିପିନ ବିହାରୀ କର, ଜିତେଶ ମହାନ୍ତି, ସୁଶାନ୍ତ ସାହୁ, ଘନଶ୍ୟାମ ସାମଲ, ସଂଗ୍ରାମ ପରିଡ଼ା, କୃଷ୍ଣଚନ୍ଦ୍ର ନାୟକ, ଅଜୟସିଂହ, ରାମଚନ୍ଦ୍ର ସାହୁ, ମନୋଜ ଆଚାର୍ଯ୍ୟ, ସ୍ନେହଲତା ମହାନ୍ତିଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ କବି ଯୋଗଦେଇ କବିତା ପାଠରେ ଭାଗ ନେଇଥିଲେ।

## ବନ୍ଧୁମିଳନ ଓ ଚାରାରୋପଣ

ସାଲେପୁର,୧।୧(ସମିସ): ସାଲେପୁର ହାଇସ୍କୁଲ ୧୯୮୩ ମାଟ୍ରିକ୍ ବ୍ୟାଚ୍‌ର ଏକ ବନ୍ଧୁମିଳନ ଉତ୍ସବ ସାଲେପୁର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ପୁରାତନ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରିବା ସହ ପରିବେଶ ସଚେତନତା ସଂପର୍କରେ ଆଲୋଚନା କରିଥିଲେ। ଏହି ବନ୍ଧୁମିଳନ ଉତ୍ସବରେ ପୁରାତନ ଛାତ୍ର ବିବେକାନନ୍ଦ ଭୂୟାଁ, ସିପ୍ରା କର, ରାଜଶ୍ରୀ ଭୂୟାଁ, ରଶ୍ମିତା ନାୟକ, କଳ୍ପନା ନନ୍ଦ, ସୁଧାକର ସାହୁ, ବିଭୁତି ମହାପାତ୍ର, ପ୍ରଶାନ୍ତ ପୁହାଣ, ହରିହର ସ୍ୱାଇଁ, ପ୍ରଶାନ୍ତ ଜେନା, ଚିନ୍ମୟୀ ମିଶ୍ର, ତପନ ପତି, ଭବାନୀ ଭୂୟାଁ, ପ୍ରଭାସ ଦାଶ, ଯୁଗଳ ସାହୁ, ସରୋଜ ସାହୁ, ଶୀତଲ କର, ରବିନ୍ଦ୍ର ମଲ୍ଲ, ସନ୍ଦିପ ମିଶ୍ର, ଲଲିନ୍ ଜେନା, ବୈକୁଣ୍ଠ ବେହେରା, ବୀରକିଶୋର ଦାଶ, ମଧୁ ମହାପାତ୍ର, ଧନଞ୍ଜୟ ମିଶ୍ର, ଡା. ସଚ୍ଚିଦାନନ୍ଦ ମିଶ୍ର, ସନ୍ତୋଷ ଦାଶ, ଶୁକଦେବ ସ୍ୱାଇଁ, ହରି ସ୍ୱାଇଁଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## କଲେଜର ବାର୍ଷିକ କ୍ରୀଡ଼ା ଓ 'ନୂଆ -ଓ'ର ଉଦଯାପନୀ ଉତ୍ସବ

ମାହାଙ୍ଗା,୧।୧(ସମିସ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ହଳଦିଆ ପଞ୍ଚାୟତସ୍ଥିତ ଦୁର୍ଗାଚରଣ ନାୟକ ମେମୋରିଆଲ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ନୂଆ-ଓର ଉଦଯାପନୀ ଉତ୍ସବ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ଜଗତସିଂହପୁରର ସାଂସଦ ଡ. ରାଜଶ୍ରୀ ମଲିକ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରହ୍ଲାଦ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ଅତିଥିଭାବେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଜଣେ ଉତ୍ତମ ଖେଳାଳି ଭଲ କ୍ରୀଡା ପ୍ରଦର୍ଶନ କରିଥାନ୍ତି ବୋଲି କହିବା ସହ ନବୀନ ବାବୁଙ୍କ ନୂଆ-ଓ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ମହାବିଦ୍ୟାଳୟର ଆହୁରି କିପରି ବିକାଶ କରିପାରିବ ସେଥିପ୍ରତି ଧ୍ୟାନ ଦେବେ କହିଥିଲେ। ସମ୍ମାନିତ ଭାବେ ଉପଜିଲ୍ଲାପାଳ କମଳଜିତ୍ ଦାସ, ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ମହାବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟି ସଭାପତି ବିଷ୍ଣୁ ପ୍ରସାଦ ରଥ, ଜିଲ୍ଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ଜିଲ୍ଲା ପରିଷଦ ସଭ୍ୟ



ଜଗବନ୍ଧୁ ସେଠୀ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସରପଞ୍ଚ ରାଜେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଅଧ୍ୟାପକ ବିଶ୍ୱଜିତ ସେଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପକ ସତ୍ୟବ୍ରତ ରଥ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ହଳଦିଆ ପଞ୍ଚାୟତର ଜନପ୍ରତିନିଧି, ବୁଦ୍ଧିଜିବୀ ଓ ମୁରବୀମାନେ ଉପସ୍ଥିତ ଥିଲେ।

## ବେଲେଶ୍ୱରୀ କଳାନିକେତନର ନବବର୍ଷ ସମାରୋହ

ନିଶ୍ଚିନ୍ତକୋଇଲି,୧।୧(ସମିସ): କଟକ ଜିଲ୍ଲାର ଅନ୍ୟତମ ପ୍ରାଚୀନ ସଙ୍ଗୀତ ଶିକ୍ଷାନୁଷ୍ଠାନ ନିଶ୍ଚିନ୍ତକୋଇଲିର ବେଲେଶ୍ୱରୀ ସଙ୍ଗୀତ କଳା ନିକେତନର ନୃତ୍ୟ ସଙ୍ଗୀତ ସମାରୋହ ତଥା ନବବର୍ଷ ବନ୍ଧୁମିଳନ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ସଂଗଠନ ସମ୍ପାଦକ ପ୍ରମୋଦ ଦାଶଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମକୁ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ସର୍ବ ଭାରତ ଶିକ୍ଷା ସମାଜର ସଭାପତି ପ୍ରଫେସର ଡ. ଯୁଧିଷ୍ଠିର ଖଟୁଆ, ବିଶିଷ୍ଟ ଅତିଥିଭାବେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ସମ୍ମାନିତ ଅତିଥିଭାବେ ଅନୁଷ୍ଠାନର ସଭାପତି କ୍ଷୀରୋଦ ପଣ୍ଡା, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ସାହୁ, କଣ୍ଠଶିଳ୍ପୀ ରବିନ୍ଦ୍ରନାଥ ମିଶ୍ର, ଗଗନ ବିହାରୀ ସ୍ୱାଇଁ, ଯଶୋବନ୍ତ ଜେନା ଓ ପ୍ରିୟ ରଞ୍ଜନ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ତବଲା ଗୁରୁ ଗୋପିନାଥ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

କାର୍ଯ୍ୟକ୍ରମରେ ଉପଦେଷ୍ଟା ଶିକ୍ଷାବିତ ବଂଶୀଧର ପଣ୍ଡା, ଫକୀରଚରଣ ନାୟକ, ପୂର୍ଣ୍ଣାନନ୍ଦ ଷଡଙ୍ଗୀ, ବୈକୁଣ୍ଠ ଚରଣ ସାହୁ, ପରୀକ୍ଷିତ ରାଉତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ସଙ୍ଗୀତ ଗୁରୁ ଦେବାଶିଷ ମହାନ୍ତି, ପଞ୍ଚାନନ ପ୍ରହରାଜ, ଦାମୋଦର ରାଉତ, ଭାଗ୍ୟଧର ସାହୁ, ଅଜୟ ଦାସ ଓ ବିଜୟ ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉପସଭାପତି ସ୍ୱାଧିନାନନ୍ଦ ପରିଡା ଧନ୍ୟବାନ ଦେଇଥିଲେ।

# ମାହାଙ୍ଗା ପ୍ରିମିୟର ଲିଗ୍ ଉଦ୍‌ଯାପିତ

### ବାଲିପଡ଼ିଆ ଖେଳପଡ଼ିଆ ଉନ୍ନତୀକରଣ ପାଇଁ ୫୦ ଲକ୍ଷ ଟଙ୍କା ଘୋଷଣା କଲେ ଓସିଏ ସଭାପତି ପ୍ରଣବ ପ୍ରକାଶ




ମାହାଙ୍ଗା,୧।୧(ସମିସ): ମାହାଙ୍ଗା ବ୍ଲକ୍ ବାଲିପଡିଆ ଖେଳପଡିଆଠାରେ ଚାଲିଥିବା ମାହାଙ୍ଗା ପ୍ରିମିୟର ଲିଗ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଗୋଲଡେନ କ୍ରିକେଟ ଟିମ ପାଗାକୁ ହରାଇ ରିଲିଆନ୍ସ କ୍ରିକେଟ ଟିମ ଗୁଣ୍ଡୁପୁର ଚାମ୍ପିଅନ ହୋଇଛି। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବରେଣ୍ୟ ଅତିଥି ଭାବରେ ଓସିଏ ସଭାପତି ତଥା ବିଜେଡି ରାଜ୍ୟ ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଶ୍ରୀ ଦାସ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇ ବାଲିପଡିଆ ଖେଳପଡିଆ ଉନ୍ନତୀକରଣ ପାଇଁ ୫୦ଲକ୍ଷ ଟଙ୍କା ଅନୁଦାନ ଦିଆଯିବ ବୋଲି ଘୋଷଣା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଓସିଏ କୋଚ ଦିନେଶ ମୋଙ୍ଗିଆ ଯୋଗଦେଇ ଗ୍ରାମାଞ୍ଚଳରେ ଏଭଳି କ୍ରୀଡା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାରୁ ଆୟୋଜକମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ, ବିଶିଷ୍ଟ ଅତିଥିଭାବେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୁବ ବିକାଶ ନୀତି ଯୋଗୁ ଗ୍ରାମାଞ୍ଚଳରେ କ୍ରୀଡାର ବହୁଳ ବିକାଶ ସମ୍ଭବପର ହୋଇଛି ବୋଲି କହିବା ସହ ମାହାଙ୍ଗା ପ୍ରିମୟର ଲିଗ ଟୁର୍ଣ୍ଣାମେଣ୍ଟକୁ ଆସନ୍ତା ବର୍ଷ ଆହୁରି ଧୂମଧାମରେ ପାଳନ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଚାମ୍ପିଅନ ରିଲିଆନ୍ସ ଟିମ୍‌କୁ ଦେଢ ଲକ୍ଷ ଟଙ୍କା ଓ ଟ୍ରଫି ଏବଂ ରନର୍ସଅପ ଗୋଲଡେନ ପାଗା ଟିମ୍‌କୁ ଏକ ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସମ୍ମାନୀତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ସାହାପୁର ସରପଞ୍ଚ ସାରଦା ପ୍ରସାଦ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ମୁର୍ସିଦ ରିଆଜୁଲ ହୋଦା, ଜିଲ୍ଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ଯୁବନେତା ପ୍ରକାଶ ଚନ୍ଦ୍ର ମହାନ୍ତି, କଟକ ଜିଲ୍ଲା ଯୁବ ବିଜେଡି ଉପସଭାପତି ସ୍ୱାଧୀନ ମହାନ୍ତି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୁବାଷ ଚନ୍ଦ୍ର ବେହେରା, କିଶୋର ଚନ୍ଦ୍ର ସିଂହ, ପଞ୍ଚାୟତ ବିଜେଡି ସଭାପତି ଅକ୍ଷୟ ସିଂହଙ୍କ ସମେତ କ୍ଲବର କର୍ମକର୍ତ୍ତା ଓ ସାହାପୁର ପଞ୍ଚାୟତର ସମସ୍ତ ଗ୍ରାମବାସୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ ୫ ଦିନ ଧରି ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ପ୍ରମୁଖ ୩୨ଟି କ୍ରିକେଟ ଦଳ ଭାଗ ନେଇଥିଲେ।

## ଭେଟେରାନ୍ ଫୁଟବଲ ମ୍ୟାଚ୍



ଚୌଦ୍ୱାର,୧।୧(ସମିସ): ଦୌଲତାବାଦସ୍ଥିତ ଅମରଜ୍ୟୋତି କ୍ଲବ୍ ଆନୁକୂଲ୍ୟରେ ଏକ ଭେଟେରାନ୍ ପ୍ରଦର୍ଶନୀ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଅମରଜ୍ୟୋତି ଫୁଟବଲ୍ କ୍ଲବ୍ ଓ ଚୌଦ୍ୱାର ଫୁଟବଲ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ କୌଣସି ଦଳ ଗୋଲ ସ୍କୋର କରିବାରେ ସଫଳ ହୋଇ ନ ପାରିବାରୁ ମ୍ୟାଚ୍‌ଟି ଅମିମାଂସିତ ରହିଥିଲା। ଚୌଦ୍ୱାରର ଖେଳାଳି ନୟନ ପରିଡ଼ାଙ୍କୁ ଶ୍ରେଷ୍ଠ ଫରୱାର୍ଡ ଓ ସନ୍ତୋଷ ସ୍ୱାଇଙ୍କୁ ଶ୍ରେଷ୍ଠ ଡିଫେଣ୍ଡର ଭାବେ ପୁରସ୍କୃତ କରାଯାଇଥିଲା। ରେଫେରୀ ସିରାଜୁଦ୍ଦିନ୍ ଖାନ୍, ସଂକେତ ମିଶ୍ର ଓ ବାସୁଦେବ ମହାନ୍ତ ମ୍ୟାଚ୍ ପରିଚାଳନା କରିଥିଲେ। ଅଧ୍ୟାପକ ଅନ୍ତର୍ଯ୍ୟାମୀ ସୁବୁଦ୍ଧିରାୟ, ଶିକ୍ଷାବିତ୍ ବ୍ରଜେନ୍ଦ୍ର ନାୟକ, ସଂଜୀବନ ହସପିଟାଲର ମୁଖ୍ୟ ବସନ୍ତ ଭୂୟାଁ, ବାବୁ ଭଦ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ। ସଞ୍ଜୟ ବେହେରା, ପ୍ରଣବ ବେଉରା, ଅମୂଲ୍ୟ ଗିରି, ସ୍ମୃତି ପ୍ରକାଶ ସାହୁ, ବରୁଣ ମାଝୀ, ରାହାତିଲ ଆସିକ୍, ଦେବାଶିଷ ସୁବୁଦ୍ଧିରାୟ, ଦୀପକ ବର୍ଦ୍ଧନ, ଅରୁଣ ମହାନ୍ତି, ପ୍ରଦୀପ ବିଶ୍ୱାଳ, ବୁବୁନା ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଗ୍ରାହକ ସେବାକେନ୍ଦ୍ର ସଂଘ ପକ୍ଷରୁ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି,୧।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଷ୍ଟେଟବ୍ୟାଙ୍କ ଗ୍ରାହକ ସେବାକେନ୍ଦ୍ର ସଂଘ ପକ୍ଷରୁ କେନ୍ଦୁପାଟଣା ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକଙ୍କୁ ନବବର୍ଷର ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ସଂଘର ସଭାପତି ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରହିତ୍ୟରେ କେନ୍ଦ୍ର ପରିଚାଳକ ବଳଦେବ ସ୍ୱାଇଁ, ଶିବପ୍ରସାଦ ବାରିକ, ସେକ କଲିମ, ହେମଲତା ପୃଷ୍ଟି, ଦେବଦତ୍ତ ବାରିକ ପ୍ରମୁଖ ଯୋଗଦେଇ ଶାଖା ପରିଚାଳକ ପ୍ରୀତିଶ ରଞ୍ଜନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ କର୍ମଚାରୀ ବି କୁସୁମ ଶ୍ରେଜା, ଅଶୋକ ସେନାପତି, ଏସ ସ୍ୱାତୀ, ରାଜେଶ ରାମ, ଦେବଦତ୍ତ ଦାଶ, ଭାସ୍କର ଭୂୟାଁ, ରାମଚନ୍ଦ୍ର ବେହେରା, ସଞ୍ଜୟ ସାମଲ, ସୁରେଶ ମଲିକ, ଦୁର୍ଗା ପ୍ରତାପ ପ୍ରମୁଖ ଉପସ୍ଥିତ ଥିଲେ।

# ନନ୍ଦନକାନନ ବୁଲିଲେ ୩୦ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ

ବାରଙ୍ଗ,୧।୧(ସମିସ):




ସୋମବାର ଥିଲା ନୂଆବର୍ଷ। ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ବୁଲି ଆସିଥିଲେ ୩୦ ହଜାର ୫୭ ଜଣ ପର୍ଯ୍ୟଟକ। ଏହି ସଂଖ୍ୟା ଗତବର୍ଷ ତୁଳନାରେ କମ ଥିଲେ ମଧ୍ୟ ଭିଡ ଦୃଷ୍ଟିରୁ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ପର୍ଯ୍ୟଟକମାନେ ପ୍ରାଣୀ ଉଦ୍ୟାନ ବୁଲି ମଜା ନେଇଥିଲେ। ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଜୀବଜନ୍ତୁଙ୍କ ଖୁଆଡ଼ ଅଞ୍ଚଳରେ ସିସିଟିଭି କ୍ୟାମେରା ଦ୍ୱାରା ନଜର ରଖାଯାଇଥିଲା। ଏଥି ସହ ନନ୍ଦନକାନନରେ ନୂତନ ଭାବରେ ଖୋଲାଯାଇଥିବା ଶିଶୁ ଉଦ୍ୟାନରେ କୁନି ଶିଶୁ ପର୍ଯ୍ୟଟକମାନେ ଭରପୁର ଆନନ୍ଦ ନେଇଥିଲେ। ବାଘ, ସିଂହ, ଭାଲୁ ଏବଂ ପକ୍ଷୀ ଓ ନୂତନ କରି ଆସିଥିବା ହୁଲୁକ ଗିବନ, ୱାଲାବି ନିକଟରେ ପର୍ଯ୍ୟଟକଙ୍କ ବେଶ ଭିଡ ଲାଗି ରହିଥିଲା। ରାଜ୍ୟ ବାହାର ପର୍ଯ୍ୟଟକଙ୍କ ଠାରୁ ସ୍ଥାନୀୟ ପର୍ଯ୍ୟଟକଙ୍କ ସଂଖ୍ୟା ଅଧିକ ଥିଲା । ଭିଡ ନିୟନ୍ତ୍ରଣ କରିବା ପାଇଁ ନନ୍ଦନକାନନ ଥାନା ପୁଲିସ ସଜାଗ ରହିଥିଲେ। ସେହିପରି ଉଦ୍ଭିଦ ଉଦ୍ୟାନରେ ପର୍ଯ୍ୟଟକ ପ୍ରଜାପତି, ଗୋଲାପ ବଗିଚା, କାକଟସ ହାଉସ, ଗ୍ଲାସ ହାଉସ, ଡ୍ରାଏ ଗାର୍ଡେନ, ଗ୍ରିନ ହାଉସ, ଅର୍କିଡ ହାଉସ, ଔଷଧୀୟ ଉଦ୍ୟାନ, ଜାପାନିଜ ଗାର୍ଡେନ, ପ୍ଲାମସ ଗାର୍ଡେନ, ଶିଶୁ ଉଦ୍ୟାନ, ମୋଗଲ ଗାର୍ଡେନ, ବୁଦ୍ଧ ପାର୍କରେ ବୁଲିଥିବା ନେଇ ଉପନିର୍ଦ୍ଦେଶକ ସନତ କୁମାର ନରାୟଣ ସୂଚନା ଦେଇଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୨୫ ● ପାଉଣ୍ଡ ୧୦୬.୩୫
- ୟୁରୋ ୯୧.୯୩ ● ୟେନ୍ ୦.୫୯

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୮,୫୫୦ (ନୂଆଦିଲ୍ଲୀ)
- ରୁପା : ୭୮,୬୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୨୭୧.୦୦
- ନିଫ୍ଟି ୨୧,୭୪୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



# ଫେରିଛି ୯୭%ରୁ ଅଧିକ ୨୦୦୦ ଟଙ୍କିଆ ନୋଟ୍

## ଲୋକଙ୍କ ପାଖରେ ୯୩୩୦ କୋଟି ନୋଟ୍: ଆରବିଆଇ

**ମୁମ୍ବାଇ,୧।୧(ଏଜେନ୍ସି)**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ନୋଟ ପ୍ରତ୍ୟାହାର ବ୍ୟବସ୍ଥାରେ ୯୭%ରୁ ଅଧିକ ଦୁଇ ହଜାର ଟଙ୍କିଆ ନୋଟ୍ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଫେରିଛି। କେବଳ ୯୩୩୦ କୋଟି ଟଙ୍କା ମୂଲ୍ୟର ୨୦୦୦ ଟଙ୍କିଆ ନୋଟ ଏବେ ବି ଜନସାଧାରଣଙ୍କ ପାଖରେ ରହିଥିବା ରିଜର୍ଭ ବ୍ୟାଙ୍କ କହିଛି।

୨୦୨୩ ମେ'୧୯ରେ ଆରବିଆଇ ଏହାର ପ୍ରସାର ବା ସର୍କୁଲେସନ୍‌ରୁ ୨୦୦୦ ଟଙ୍କିଆ ବ୍ୟାଙ୍କ ନୋଟ ପ୍ରତ୍ୟାହାର କରିବାକୁ ଘୋଷଣା କରିଥିଲା। ୨୦୨୩ ମସିହା ମେ'୧୯ ତାରିଖ ସୁଦ୍ଧା ସର୍କୁଲେସନ୍‌ରେ ରହିଥିବା ୨୦୦୦ ଟଙ୍କିଆ ନୋଟ୍‌ର ମୂଲ୍ୟ ୩.୫୬ ଲକ୍ଷ କୋଟି ଟଙ୍କା ରହିଥିଲା, ଯେତେବେଳେ କି କେନ୍ଦ୍ରୀୟ ବ୍ୟାଙ୍କ ୨୦୦୦ ଟଙ୍କିଆ ନୋଟ୍ ପ୍ରତ୍ୟାହାର ସମ୍ପର୍କରେ ଘୋଷଣା କରିଥିଲା। ତେବେ ୨୦୨୩ ଡିସେମ୍ବର ୨୯ରେ ସର୍କୁଲେସନ୍‌ରେ ରହିଥିବା ୨୦୦୦ ଟଙ୍କିଆ ନୋଟ୍‌ର ମୂଲ୍ୟ ୯୩୩୦ କୋଟି ଟଙ୍କାକୁ

**ଆର୍‌ବିଆଇ ରିପୋର୍ଟ**

ମେ' ୧୯ ରେ ସର୍କୁଲେସନ୍‌ରେ ରହିଥିଲା ୩.୫୬ ଲକ୍ଷ କୋଟି ମୂଲ୍ୟର ୨୦୦୦ ଟଙ୍କିଆ ନୋଟ୍

ହ୍ରାସ ଘଟିଛି। ଏହାର ଅର୍ଥ ହେଉଛି ଗତବର୍ଷ ମେ' ୧୯ରେ ସର୍କୁଲେସନ୍‌ରେ ରହିଥିବା ୨୦୦୦ ଟଙ୍କିଆର ୯୭.୩୮ ପ୍ରତିଶତ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଫେରିଆସିଛି। ଲୋକମାନେ ଦେଶର ୧୯ଟି ଆରବିଆଇ କାର୍ଯ୍ୟାଳୟରେ ୨୦୦୦ ଟଙ୍କିଆ ନୋଟ୍ ଜମା କିମ୍ବା ବିନିମୟ କରିପାରିବେ। ଏହାବାଦ୍ ଲୋକମାନେ ଭାରତୀୟ ଡାକ ବିଭାଗ ଜରିଆରେ ୨୦୦୦ ଟଙ୍କିଆ ନୋଟ୍‌କୁ

ଯେ କୌଣସି ଡାକଘରରୁ ଆରବିଆଇ ଇସ୍ୟୁ କାର୍ଯ୍ୟାଳୟକୁ ପଠାଇ ଭାରତରେ ଥିବା ବ୍ୟାଙ୍କ




ଆକାଉଣ୍ଟକୁ କ୍ରେଡିଟ୍ ପାଇଁ ପଠାଇପାରିବେ। ୨୦୦୦ ଟଙ୍କିଆ ନୋଟ୍ ବଦଳ ସେପ୍ଟେମ୍ବର ୩୦ ସମୟସୀମା ପରେ ଅକ୍ଟୋବର ୭କୁ ବୃଦ୍ଧି କରାଯାଇଥିଲା। ବ୍ୟାଙ୍କ ଶାଖାଗୁଡ଼ିକରେ ଜମା ଏବଂ ବିନିମୟ ସେବା ଅକ୍ଟୋବର ୭ ରେ ବନ୍ଦ ହୋଇଯାଇଥିଲା। ଅକ୍ଟୋବର ୮ ତାରିଖରୁ ବ୍ୟକ୍ତିବିଶେଷଙ୍କୁ ମୁଦ୍ରା ବିନିମୟ କିମ୍ବା ସେମାନଙ୍କ ବ୍ୟାଙ୍କରେ ସମାନ ପରିମାଣର କ୍ରେଡିଟ୍ ପ୍ରଦାନ କରିବାର ବିକଳ୍ପ ଆରବିଆଇର ୧୯ଟି କାର୍ଯ୍ୟାଳୟରେ ପ୍ରଦାନ କରାଯାଇଛି।

# ୩ ମାସରେ ୪.୧୩ ଲକ୍ଷ କୋଟି ଋଣ କରିବେ ରାଜ୍ୟ

**ନୂଆଦିଲ୍ଲୀ,୧।୧(ଏଜେନ୍ସି):** ୨୦୨୪ ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ରାଜ୍ୟଗୁଡିକର ଋଣ ସୂଚୀ ପ୍ରକାଶ କରିଛି। ଏହି ଅନୁଯାୟୀ, ଏହି ଅବଧି ମଧ୍ୟରେ ସମସ୍ତ ରାଜ୍ୟ ବଜାରରୁ ୪.୧୩ ଲକ୍ଷ କୋଟି ଟଙ୍କା ଋଣ ନେବେ। ଏଥିରେ ନୂଆ ସରକାର ଆସିଥିବା ରାଜ୍ୟଗୁଡିକ ଅଧିକ କରଜ ନେବେ ବୋଲି ଜଣାପଡିଛି।




**ନୂଆ ସରକାର ଆସିଥିବା ରାଜ୍ୟ ଅଧିକ କରଜ ନେବେ**

**ଶୀର୍ଷ ୧୦ରେ ରାଜସ୍ଥାନ,ଛତିଶଗଡ**

୨୦୨୩-୨୪ରେ ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ୭ ମାସ ମଧ୍ୟରେ ରାଜ୍ୟଗୁଡିକ ବଜାରରୁ ମୋଟ ୨.୫୮ ଲକ୍ଷ କୋଟି ଟଙ୍କାର ଋଣ ଉଠାଇଥିଲେ। ଏହାର ଅର୍ଥ ଆସନ୍ତା ତିନି ମାସ ମଧ୍ୟରେ ରାଜ୍ୟଗୁଡିକ ୭ ମାସରେ ନେଇଥିବା ଋଣ ପରିମାଣ ତୁଳନାରେ ୬୦ ପ୍ରତିଶତ ଅଧିକ ଋଣ ନେବେ। ତେବେ ଏଥିରେ ସର୍ବାଧିକ ଋଣ ଉଠାଇବାକୁ ଥିବା ୧୦ ରାଜ୍ୟ ମଧ୍ୟରେ ମଧ୍ୟପ୍ରଦେଶ, ରାଜସ୍ଥାନ, ତେଲେଙ୍ଗାନା, କର୍ଣ୍ଣାଟକ ଏବଂ ଛତିଶଗଡ ଆଦି ରାଜ୍ୟ ରହିଛନ୍ତି। ଏହି ସବୁ ରାଜ୍ୟେରେ ବିଧାନସଭା ନିର୍ବାଚନ ନିକଟରେ ଅନୁଠିତ ହୋଇଥିଲା। ତେବେ ଏହି ତିନି ମାସରେ ମଧ୍ୟପ୍ରଦେଶ, କର୍ଣ୍ଣାଟକ ଏବଂ ଛତିଶଗଡଭଳି ରାଜ୍ୟ ଆଗାମୀ ତିନି ମାସରେ ଯେଉଁ କରଜ ନେଉଛନ୍ତି ତାହା ୨୦୨୨-୨୩ର ୧୨ ମାସରେ ନିଆଯାଇଥିବା ଋଣଠାରୁ ଅଧିକ। ନିର୍ବାଚନରେ ରାଜ୍ୟଗୁଡିକ ମାଗଣା ଯୋଜନା ଘୋଷଣା କରିଥିଲେ। ଏବେ ସେସମାନଙ୍କ ଲାଗି ପାଣ୍ଠି ସଂଗ୍ରହ ବଡ଼ ଆହ୍ୱାନ ପାଲଟିଛି। ମଧ୍ୟପ୍ରଦେଶ ସରକାରଙ୍କୁ ୧.୩୧ କୋଟି ମହିଳାଙ୍କୁ ଲାଡଲି ବେହେନା ଏବଂ ଗ୍ୟାସ ସିଲିଣ୍ଡର ଉପରେ ଘୋଷିତ ଯୋଜନାନୁଯାୟୀ, ମାସକୁ ୧୭୦୮ ଟଙ୍କା ଦେବାକୁ ପଡିବ। ଏହାଛଡା ମାସିକ ୩୮୮ ଟଙ୍କା ରିଆତି ୪୪.୧୩ ଲକ୍ଷ ବିଦ୍ୟୁତ ଉପଭୋକ୍ତାଙ୍କୁ ଦେବାକୁ ପଡିବ। ଏହି ଦୁଇ ଯୋଜନା ପାଇଁ ବାର୍ଷିକ ଖର୍ଚ୍ଚ ୨୧,୬୯୬ କୋଟି ଟଙ୍କା। ରାଜସ୍ଥାନ ସରକାର ୪୫୦ ଟଙ୍କାରେ ଲୋକଙ୍କୁ ପାଇଁ ସିଲିଣ୍ଡର ଦେବା ପାଇଁ ପ୍ରତିବର୍ଷ ୩୭୨୦ କୋଟି ଟଙ୍କା ଆବଶ୍ୟକ କରିବେ। ଏଥିରେ ପୁରୁଣା ସରକାରଙ୍କ ସ୍ମାର୍ଟଫୋନ୍ ଯୋଜନା ପାଇଁ ୩୭୦୦ କୋଟି ଟଙ୍କା ଆବଶ୍ୟକ। ସମୁଦାୟ ବାର୍ଷିକ ଖର୍ଚ୍ଚ ୧୪,୫୬୦ କୋଟି ଟଙ୍କା। ସେହିପରି ତେଲେଙ୍ଗାନା ସରକାରଙ୍କ ଲାଗି ସବସିଡି ପାଇଁ ପ୍ରତିବର୍ଷ ୨.୫୬ ଲକ୍ଷ କୋଟି ଟଙ୍କା ଆବଶ୍ୟକ। ରାଜ୍ୟ ପୂର୍ବରୁ ୪.୨୬ ଲକ୍ଷ କୋଟି ଟଙ୍କା ଋଣ ନେଇସାରିଛି।

- ନୂଆ ବର୍ଷ ପୂର୍ବ ସନ୍ଧ୍ୟାରେ ଭାଙ୍ଗିଲା ସବୁ ରେକର୍ଡ

# ସ୍ୱିଗିରେ ୪.୮ ଲକ୍ଷରୁ ଅଧିକ ବିରିୟାନୀ ଅର୍ଡର

**ନୂଆଦିଲ୍ଲୀ,୧।୧(ଏଜେନ୍ସି):** ଅନଲାଇନରେ ଖାଦ୍ୟ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରୟ କରୁଥିବା ଜୋମାଟୋ, ବ୍ଲିଙ୍କିଟ୍ ଏବଂ ସ୍ୱିଗି ଭଳି ପ୍ଲାଟଫର୍ମଗୁଡିକ ନୂଆ ବର୍ଷ ଅବସରରେ ଉତ୍ସାହଜନକ ଅର୍ଡର ପାଇଛନ୍ତି। ନୂଆବର୍ଷର ପୂର୍ବ ସନ୍ଧ୍ୟାରେ ଅନଲାଇନ୍‌ରେ ଖାଦ୍ୟ ବିତରଣରେ ଆଉ ଏକ ରେକର୍ଡ ପ୍ରତିଷ୍ଠା ହୋଇଛି। କେବଳ ସ୍ୱିଗି ୪.୮ ଲକ୍ଷରୁ ଅଧିକ ବିରିୟାନୀ ଅର୍ଡର ହାସଲ କରି ପୂର୍ବ ସମସ୍ତ ରେକର୍ଡ ଭାଙ୍ଗିଛି। 'ଏକ୍ସ'ରୁ ଏହି ଅର୍ଡର ସମ୍ପର୍କରେ ସୂଚନା ମିଳିଛି।

ଜୋମାଟୋ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଦୀପିନ୍ଦର ଗୋୟଲ ତାଙ୍କ ପୋଷ୍ଟରେ କହିଛନ୍ତି ଯେ ତାଙ୍କ ପ୍ଲାଟଫର୍ମ ନୂଆ ବର୍ଷ ପୂର୍ବ ସନ୍ଧ୍ୟାରେ ଯେତିକି ଅର୍ଡର ପାଇଛି, ୨୦୧୫-୨୦୨୦ ମଧ୍ୟରେ ନୂଆ ବର୍ଷର ପୂର୍ବ ସନ୍ଧ୍ୟାରେ ହାସଲ କରିଥିବା ମୋଟ ଅର୍ଡରଠାରୁ ମଧ୍ୟ ଏହା ଅଧିକ



**ଅନଲାଇନ୍ ଖାଦ୍ୟ ବିତରଣରେ ଅହେତୁକ ବୃଦ୍ଧି**

ହେବ। ଗୋୟାଲ ଏହାକୁ ଏକ ଆକର୍ଷଣୀୟ ପରିସଂଖ୍ୟାନ ବୋଲି କହିଛନ୍ତି। ଜୋମାଟୋ ଏହାର ଭବିଷ୍ୟତକୁ ନେଇ ଉତ୍ସାହିତ ବୋଲିଶ୍ରୀ ଗୋୟଲ ଏହା ପରେ କହିଛନ୍ତି। ସେହିପରି ବ୍ଲିଙ୍କିଟ୍‌ର ସହ-ପ୍ରତିଷ୍ଠାତା ତଥା ସିଇଓ ଆଲବିନ୍ଦର ଧିନ୍ଦସା ଏକ ପୋଷ୍ଟରେ କହିଛନ୍ତି ଯେ ଏହା ଏପର୍ଯ୍ୟନ୍ତ ସର୍ବାଧିକ ସଂଖ୍ୟକ ଅର୍ଡର। ଏପରିକି ପ୍ରତି ମିନିଟ୍‌ରେ ଅର୍ଡର ମିଳିଛି। ଅନଲାଇନ୍ ବିତରଣ ପ୍ଲାଟଫର୍ମ ସ୍ୱିଗିର ସିଇଓ ରୋହିତ କପୁର 'ଏକ୍ସ'ରେ ଏକ ପୋଷ୍ଟରେ କହିଛନ୍ତି ଯେ ନୂଆ ବର୍ଷ ସ୍ୱିଗି ଫୁଡ୍ ଏବଂ ଇନଷ୍ଟାମାର୍ଟ ପାଇଁ ସମସ୍ତ ରେକର୍ଡ ଭାଙ୍ଗିଛି। କପୁର ଅନ୍ୟ ଏକ ପୋଷ୍ଟରେ କହିଛନ୍ତି ଯେ ସ୍ୱିଗି ଇନଷ୍ଟାମାର୍ଟରେ କ୍ରିକେଟ୍ ବିଶ୍ୱକପ୍ ଫାଇନାଲ ସମୟରେ ମିଳିଥିବା ବିରିୟାନୀ ଅର୍ଡରକୁ ମଧ୍ୟ ଏହା ଟପିଯାଇଛି। ସେ କହିଛନ୍ତି, ସ୍ୱିଗି ଇନଷ୍ଟାମାର୍ଟରେ ପ୍ରତି ମିନିଟରେ ମିଳିଥିବା ଅର୍ଡର (ଓପିଏମ୍) ରେ ମଧ୍ୟ ଏହା ଏକ ରେକର୍ଡ ସର୍ବଦା ସର୍ବୋଚ୍ଚ ଅଟେ। ବିଶ୍ୱକପ୍ ଫାଇନାଲ୍ ତୁଳନାରେ ଏଥିରେ ୧.୬ ଗୁଣ ଅଧିକ ଅର୍ଡର ମିଳିଥିଲା।

**ପଛରେ ପଡ଼ିଲା ଡ୍ରାଗନ୍**

# ଦଲାଲ୍‌ଷ୍ଟ୍ରିଟ୍ ମୁହାଁ ନିବେଶକ

**ମୁମ୍ବାଇ ୧।୧(ଏଜେନ୍ସି):** ବିଦାୟ ନେଇଛି ବର୍ଷ ୨୦୨୩। ଏହି ବର୍ଷ ଭାରତୀୟ ସେୟାର ବଜାର ନୂଆ ରେକର୍ଡ କରିଛି। ଘରୋଇ ପୁଞ୍ଜିବଜାର ପ୍ରଥମ ଥର ପାଇଁ ସର୍ବକାଳୀନ ରେକର୍ଡ ୭୨,୦୩୮.୪୩ ପଏଣ୍ଟ ସ୍ତର ଛୁଇଁଥିଲା। କାରଣ ବିଦେଶୀ ନିବେଶକଙ୍କର ଭାରତୀୟ ସେୟାର ବଜାର ପ୍ରତି ବିଶ୍ୱାସ ବଢିଛି। ଏଥିଯୋଗୁ ୨୦୨୩ରେ ବିଦେଶୀ ସଂସ୍ଥାଗତ ନିବେଶକ(ଏଫପିଆଇ)ମାନେ ମୋଟ ୧.୭୧ ଲକ୍ଷ କୋଟି ଟଙ୍କା ଭାରତୀୟ ସେୟାର ବଜାରରେ ନିବେଶ କରିଛନ୍ତି। ବିଦେଶୀ ନିବେଶକଙ୍କ ବଢୁଥିବା ଭରସା ବଳରେ ୨୦୨୩ରେ ଭାରତୀୟ ସେୟାର ବଜାର ନୂଆ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛି।

ଏହି ବର୍ଷ ସେନସେକ୍ସ ୧୭.୩ ପ୍ରତିଶତ ଓ ନିଫ୍ଟି ୧୮.୫ ପ୍ରତିଶତ ଉପରକୁ ଉଠିଛି। ଫଳରେ ଭାରତୀୟ ସେୟାର ବଜାରର ବଜାର ପୁଞ୍ଜିରେ ୮୨ ଲକ୍ଷ କୋଟି ଟଙ୍କା ବୃଦ୍ଧି ହୋଇଛି। ଘରୋଇ ସେୟାର ବଜାରରେ ଏବେ ଜୋରଦାର ନିବେଶ ଚାଲିଥିବାବେଳେ ଚୀନ୍ ସେୟାର ବଜାରରେ ଏବେ ସଙ୍କଟ ଦେଖାଦେଇଛି। ଆହ୍ୱାନପୂର୍ଣ୍ଣ ବୈଶ୍ୱିକ ପରିସ୍ଥିତିରେ ଭାରତର ମଜଭୁତ ଅର୍ଥନୈତିକ ମୂଳଦୁଆ ଏଫପିଆଇଙ୍କୁ ଆକର୍ଷିତ କରୁଛି। ଏଥିରେ ଭାରତୀୟ ବଜାରରେ ଏଫପିଆଇ ନିବେଶ ବଢିବଢି



**ସଙ୍କଟରେ ଅର୍ଥନୀତି: ଜିନ୍ ପିଙ୍ଗ**

ଚାଲିଥିବାବେଳେ ଚୀନ୍ ବଜାରରୁ ଏବେ ବିଦେଶୀ ନିବେଶକ ସେମାନଙ୍କ ପୁଞ୍ଜି ପ୍ରତ୍ୟାହାର କରିନେଉଛନ୍ତି। ଏଠାରେ ସୁବଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ,ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ପ୍ରଥମ ଥର ପାଇଁ ଏହା ସ୍ୱୀକାର କରିଛନ୍ତି ଯେ, ଦେଶର ଅର୍ଥନୀତି ଏବେ ସଙ୍କଟରେ। ବିଶ୍ୱର ଅନ୍ୟତମ ବୃହତ ଅର୍ଥନୀତି ଚୀନ୍‌ର ମାନ୍ଦା ଅର୍ଥନୀତିର ପ୍ରଭାବ ଏହାର ସେୟାର ବଜାରରେ ଏବେ ଅନୁଭୂତ ହେଉଛି। ଚୀନ୍ ଅର୍ଥନୀତି ଏବେ ସବୁଠୁ ଖରାପ ସମୟ ଦେଇ ଗତି କରୁଛି। ଦେଶର ରିଅଲ ଇଷ୍ଟେଟ କମ୍ପାନୀଗୁଡିକର ସ୍ଥିତି ଖରାପ ହେବାରେ ଲାଗିଥିବାବେଳେ ବ୍ୟାଙ୍କିଙ୍ଗ କ୍ଷେତ୍ର ଋଣ ବୋଝ ତଳେ ଚାପି ହୋଇଯାଇଛି। ଏହାଛଡା ଦେଶରେ ଏବେ ବେକାରୀ ଚରମ ସୀମାରେ ପହଞ୍ଚିଥିବାବେଳେ ରପ୍ତାନୀ ହ୍ରାସ ଘଟିବାରେ ଲାଗିଛି। ସବୁପ୍ରକାର ଆର୍ଥିକ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହୋଇଥିବା ଚୀନ ସେୟାର ବଜାରରେ ଚଳିତବର୍ଷ ବୃହତ୍ ହ୍ରାସ ଦେଖାଯାଇଛି। ଏକଦା ବିଶ୍ୱ ଅର୍ଥନୀତିର ଇଞ୍ଜିନ କୁହାଯାଉଥିବା ଚୀନ୍ ଏବେ ଢ଼େର ପଛରେ ପଡିଯାଇଛି। ଚୀନ୍ ସେୟାର ବଜାରରେ ୨୦୨୩ରେ ବଡଧରଣର ହ୍ରାସ ଦେଖିବାକୁ ମିଳିଛି। ଚୀନ୍‌ର ବ୍ଲୁ ଚିପ୍ ସିଏସଆଇ ୩୦୦ ଇଣ୍ଡେକ୍ସରେ ୧୧ ପ୍ରତିଶତ ହ୍ରାସ ହୋଇଛି। ସେହିପରି ହଂକଂର ହେଙ୍ଗସେଙ୍ଗରେ ୧୪ ପ୍ରତିଶତ ହ୍ରାସ ଦେଖାଯାଇଛି। ଚୀନ୍ ସେୟାର ବଜାରରେ ହ୍ରାସ ଜିନପିଙ୍ଗ ସରକାରଙ୍କ ଚିନ୍ତା ବଢାଇଦେଇଛି। ବଜାର ଚାହିଦାରେ ହ୍ରାସ, ଦୀର୍ଘ ସମୟ ଧରି ଅବସ୍ଥିତି ଜନିତ ପରିସ୍ଥିତି ଓ ଚୀନ୍ ଛାଡିବା ପାଇଁ ବିଦେଶୀ କମ୍ପାନୀଙ୍କ ନିଷ୍ପତ୍ତି ଡ୍ରାଗନ୍‌ର ସେୟାର ବଜାର ଉପରେ ନକରାତ୍ମକ ପ୍ରଭାବ ପକାଉଛି। ଏଣୁ ରେଟିଂ ଏଜେନ୍ସିଗୁଡିକ ଚୀନ୍‌ର ଜିଡିପି ପୂର୍ବାନୁମାନରେ ହ୍ରାସ ଘୋଷଣା କରିଛନ୍ତି। ସେହିପରି ଆଇଏମଏଫ ଗତ ନଭେମ୍ବରରେ ଚୀନ୍‌ର ଅଭିବୃଦ୍ଧି ହାରକୁ ୫.୪ ପ୍ରତିଶତରେ ସୀମିତ ରଖିଥିଲେ।

# ବନ୍ଦହେଲା ନିଷ୍କ୍ରିୟ ୟୁପିଆଇ ଆଇଡି

**ନୂଆଦିଲ୍ଲୀ,୧।୧(ଏଜେନ୍ସି):** ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ଆପ୍ ବ୍ୟବହାର କରୁଥିବା ଉପଭୋକ୍ତାମାନଙ୍କ ପାଇଁ ଜାନୁଆରୀ ଖବର। ଯେଉଁ ୟୁପିଆଇ ଆପ୍ ଉପଭୋକ୍ତାମାନେ ୧ ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ପାଇଁ ଅନଲାଇନ୍ ପେମେଣ୍ଟ କରିନାହାଁନ୍ତି, ସେମାନଙ୍କ ଆକାଉଣ୍ଟ ନୂଆ ବର୍ଷରୁ ବନ୍ଦ ହୋଇଯାଇଛି। ଏହାପରେ ସେହି ୟୁପିଆଇ ଉପଭୋକ୍ତାମାନେ କାରବାର କରିପାରିବେନାହିଁ। ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ) ଦ୍ୱାରା ଜାରି କରାଯାଇଥିବା ଏକ ସର୍କୁଲାରରେ ଏହି ସୂଚନା ଦିଆଯାଇଛି। ଏହି ଅନୁଯାୟୀ, ଗୋଟିଏ ବର୍ଷ ଧରି ସକ୍ରିୟ ହୋଇ ନ ଥିବା ସମସ୍ତ ୟୁପିଆଇ ଆଇଡିଗୁଡିକ ୩୧ ଡିସେମ୍ବରରୁ ବନ୍ଦ ହୋଇଯାଇଛି। ଜାରି ମାର୍ଗଦର୍ଶିକାରେ ଏହା ଦର୍ଶାଯାଇଛି ଯେ ଟିପିଏପି ଏବଂ ପିଏସପି ବ୍ୟାଙ୍କଗୁଡିକ ସେହି ଗ୍ରାହକଙ୍କ ୟୁପିଆଇ ଆଇଡି ଓ ସମ୍ବନ୍ଧିତ ୟୁପିଆଇ ନମ୍ବର ଓ ଫୋନ ନମ୍ବର ଚିହ୍ନଟ କରିବା ଆବଶ୍ୟକ, ଯେଉଁମାନେ ଏକ ବର୍ଷ ଭିତରେ କୌଣସି ଆର୍ଥିକ (ଡେବିଟ୍ କିମ୍ବା କ୍ରେଡିଟ୍) କିମ୍ବା ଅଣ-ଆର୍ଥିକ କାରବାର କରିନାହାଁନ୍ତି।




**ବର୍ଷେ ହେବ ହୋଇନାହିଁ ଅନ୍‌ଲାଇନ୍ ପେମେଣ୍ଟ**

# ଡିସେମ୍ବରରେ ଦେଶରେ ୧.୬୫ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

**ନୂଆଦିଲ୍ଲୀ,୧।୧(ଏଜେନ୍ସି):** ପୁଣି ଥରେ ଦେଶରେ ଦ୍ରବ୍ୟ ଏବଂ ସେବା ଟିକସ(ଜିଏସଟି) ସଂଗ୍ରହ ବୃଦ୍ଧି ପାଇଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ୨୦୨୩ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ଜିଏସଟି ସଂଗ୍ରହରେ ୧୨% ବୃଦ୍ଧି ଘଟି ୧୪.୯୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ତଥ୍ୟ ଅନୁଯାୟୀ, ୨୦୨୩ ଡିସେମ୍ବରରେ ଜିଏସ୍‌ଟି ସଂଗ୍ରହ ବାର୍ଷିକ ୧୦ ପ୍ରତିଶତ ବୃଦ୍ଧି ଘଟି ୧.୬୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୩ରେ କ୍ରମାଗତ ୧୦ ମାସ ପାଇଁ ଜିଏସଟି ଆଦାୟ ୧.୫ ଲକ୍ଷ କୋଟି ଟଙ୍କା ଉପରେ ରହିଛି। ଡିସେମ୍ବରରେ ମୋଟ ୧,୬୪,୮୮୨ କୋଟି ଟଙ୍କାର ଜିଏସଟି ସଂଗ୍ରହ ହୋଇଛି, ଯାହା ନଭେମ୍ବର ମାସରେ ୧,୬୭,୯୨୯ କୋଟି ଟଙ୍କା ରହିଥିଲା। ସେଥିମଧ୍ୟରୁ କେନ୍ଦ୍ରୀୟ ଜିଏସ୍‌ଟି ୩୦,୪୪୩ କୋଟି ଟଙ୍କା, ରାଜ୍ୟ ଜିଏସ୍‌ଟି ୩୭,୯୩୫ କୋଟି ଟଙ୍କା, ସମନ୍ୱିତ ଜିଏସଟି ୮୪,୨୫୫ କୋଟି ଟଙ୍କା ରହିଛି। ଗତ ମାସରେ ଆଇଜିଏସଟି ଆଦାୟ ୮୭,୦୦୯ କୋଟି ଟଙ୍କା ରହିଥିଲା।

**କମୁଛି ରୁଷଠାରୁ ତେଲ କିଣା**

# ୧୧ ମାସର ସର୍ବନିମ୍ନ ସ୍ତରରେ ଅଶୋଧିତ ତୈଳ ଆମଦାନୀ

**ନୂଆଦିଲ୍ଲୀ,୧।୧(ଏଜେନ୍ସି):** ୟୁକ୍ରେନ ଯୁଦ୍ଧ ପରଠୁ ଭାରତ ରୁଷଠାରୁ ଅଧିକ ଅଶୋଧିତ ତୈଳ କ୍ରୟ କରୁଛି। ଏହାସହ ରୁଷ, ଭାରତର ଚତୁର୍ଥ ସବୁଠୁ ବଡ଼ ବାଣିଜ୍ୟିକ ସହଯୋଗୀ ହୋଇଛି। ଡିସେମ୍ବର ମାସରେ ରୁଷଠାରୁ ଭାରତର ତେଲ ଆମଦାନୀ ୧୧ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା। ଡିସେମ୍ବରରେ ଭାରତୀୟ ତୈଳ ବିଶୋଧନକାରୀ କମ୍ପାନୀ ବା ରିଫାଇନେରୀଗୁଡ଼ିକ ରୁଷଠାରୁ ପ୍ରତିଦିନ ୧୪.୮ ଲକ୍ଷ ବ୍ୟାରେଲ ଅଶୋଧିତ ତୈଳ ଆମଦାନୀ କରିଥିଲେ। ନଭେମ୍ବର ମାସ ତୁଳନାରେ ଏହା ୧୧.୬ ପ୍ରତିଶତ କମ ରହିଥିଲା। ଡିସେମ୍ବର ମାସରେ ରୁଷଠାରୁ ତେଲ ଆମଦାନୀ ୨୦୨୩ ଜାନୁଆରୀ ପରେ ସବୁଠୁ କମ୍ ରହିଥିବା ଏକ ରିପୋର୍ଟ ଜଣାପଡିଛି।

ରିପୋର୍ଟ ଅନୁସାରେ ଡିସେମ୍ବରରେ ଭାରତକୁ ରୁଷଠାରୁ ସୋକୋଲ ଗ୍ରେଡର କୌଣସି ଡିଲିଭରୀ ମିଳିନାହିଁ ଅନ୍ୟପଟେ ୟୁରାଲ କ୍ରୁଡ୍ ଆମଦାନୀରେ ବି କୌଣସି ପରିବର୍ତ୍ତନ ହୋଇନାହିଁ । କମୋଡିଟି ବଜାର ବିଶ୍ଳେଷଣକାରୀ କମ୍ପାନୀ କେପ୍‌ଲର ଦ୍ୱାରା କରାଯାଇଥିବା ସଦ୍ୟତମ ଶିପିଂ ଡାଟାରେ ଏହି ସୂଚନା ସାମ୍ନାକୁ ଆସିଛି। ଏଠାରେ ସୂଚନାଯୋଗ୍ୟ




ଯେ, ଡିସେମ୍ବରରେ ଭାରତର ତେଲ ଆମଦାନୀରେ ରୁଷର ଭାଗିଦାରୀ ୩୨.୯ ପ୍ରତିଶତ ରହିଥିଲା। ଭାରତ ରୁଷଠାରୁ ମୋଟ ୪୫.୧ ଲକ୍ଷ ଟନ୍ ଅଶୋଧିତ ତୈଳ ଆମଦାନୀ କରିଥିଲା। ଇରାନଠାରୁ ୨୨ ପ୍ରତିଶତ ଏବଂ ସାଉଦି ଆରବଠାରୁ ଦେଶ ୧୫.୬ ପ୍ରତିଶତ ତେଲ ଆମଦାନୀ କରିଥିଲା। ୟୁକ୍ରେନ ଯୁଦ୍ଧ ପୂର୍ବରୁ ରୁଷଠାରୁ ଭାରତର ତେଲ ଆମଦାନୀ ବହୁତ କମ୍ ରହିଥିଲା। ଯୁଦ୍ଧ ଆରମ୍ଭ ପରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକ ଦ୍ୱାରା ରୁଷ ତେଲ ଆମଦାନୀ ଉପରେ କଟକଣା ଜାରି କରାଯାଇଥିଲା। ଏହାପରେ ରୁଷ ଏହାର ତେଲକୁ ଶସ୍ତାରେ ବିକ୍ରି କରିବା ଆରମ୍ଭ କରିଥିଲା। ଉଲ୍ଲେଖଯୋଗ୍ୟ ଯେ ଭାରତ ଦୁନିଆର ତୃତୀୟ ସର୍ବବୃହତ ତେଲ ଆମଦାନକାରୀ ରାଷ୍ଟ୍ର।

## ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ରିପୋର୍ଟ

# ବିଳମ୍ବରେ ଚାଲିଛି ୪୬% କେନ୍ଦ୍ରୀୟ ପ୍ରକଳ୍ପ

**ନୂଆଦିଲ୍ଲୀ,୧।୧(ଏଜେନ୍ସି):**

ବିକାଶ କାର୍ଯ୍ୟକ୍ରମକୁ ଆଗେଇ ନେବା ଲାଗି କେନ୍ଦ୍ର ସକାରଙ୍କ ପକ୍ଷରୁ ଦେଶରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏକ ହିସାବ ଅନୁଯାୟୀ ବର୍ତ୍ତମାନ ଦେଶରେ କେନ୍ଦ୍ର ସରକାରଙ୍କ ୪୬ ପ୍ରତିଶତ ପ୍ରକଳ୍ପର କାର୍ଯ୍ୟ ବିଳମ୍ବରେ ଚାଲିଛି। ୨୦୨୩ ରିପୋର୍ଟ ଅନୁଯାୟୀ, କେନ୍ଦ୍ର ସରକାରଙ୍କ ଅଧୀନରେ ପରିଚାଳିତ ୮୪୫ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହୋଇଛି। ସେପ୍ଟେମ୍ବର ମାସରେ ୪୭.୮ ପ୍ରତିଶତ ପ୍ରକଳ୍ପ ଏବଂ ଅକ୍ଟୋବରରେ ୪୬.୮ ପ୍ରତିଶତ ପ୍ରକଳ୍ପ ବିଳମ୍ବରେ ଚାଲିଥିବା କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି।

୨୦୨୨ ନଭେମ୍ବରରେ କେନ୍ଦ୍ର ସରକାରଙ୍କ ୫୧.୨ ପ୍ରତିଶତ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହୋଇଥିଲା। ୨୦୨୩ରେ ଚାଲିଥିବା ମୋଟ ୪୬.୧ ପ୍ରତିଶତ ପ୍ରକଳ୍ପ କାର୍ଯ୍ୟ ବିଳମ୍ବରେ ଚାଲିଛି। ଯଦିବା



ନଭେମ୍ବର ମାସରେ କ୍ରମାଗତ ଭାବେ ଦ୍ୱିତୀୟ ମାସ ପାଇଁ କେନ୍ଦ୍ର ସରକାରୀ ପ୍ରକଳ୍ପରେ ହେଉଥିବା ଏହି ବିଳମ୍ବ ହ୍ରାସ ପାଇଛି। ୨୦୨୩ ସେପ୍ଟେମ୍ବର ମାସରେ କେନ୍ଦ୍ରର ୪୭.୮ ପ୍ରତିଶତ ପ୍ରକଳ୍ପ ଏବଂ ଅକ୍ଟୋବରରେ ୪୬.୮ ପ୍ରତିଶତ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହୋଇଥିଲା। ଯଦି ଆମେ ଆହୁରି ପୂର୍ବ ବର୍ଷଗୁଡିକ ଅର୍ଥାତ୍ ୨୦୧୯ ରେ ଚାଲୁଥିବା କେନ୍ଦ୍ର ପ୍ରକଳ୍ପ କାର୍ଯ୍ୟକୁ ଅନୁଧ୍ୟାନ କରିବା ତେବେ ଜଣାପଡିବ ଯେ, ଏଥିରେ ବିଳମ୍ବିତ ପ୍ରକଳ୍ପ ସଂଖ୍ୟା ୩୪ ପ୍ରତିଶତ ରହିଥିଲା। ୨୦୨୩ର ୮୪୫ଟି ବିଳମ୍ବିରେ ଚାଲୁଥିବା ପ୍ରକଳ୍ପ ମଧ୍ୟରୁ ୩୮ ପ୍ରତିଶତ ପ୍ରକଳ୍ପ କାର୍ଯ୍ୟ ୨୫ରୁ ୬୦ ମାସ ବିଳମ୍ବ ହୋଇଥିବାବେଳେ ୨୪ ପ୍ରତିଶତ କାର୍ଯ୍ୟ ୧ରୁ ୧୨ ମାସ ବିଳମ୍ବ ହୋଇଛି। ଏହାଛଡା ୨୩ ପ୍ରତିଶତ ପ୍ରକଳ୍ପ କାର୍ଯ୍ୟ ୧୩ରୁ ୨୪ ମାସ ବିଳମ୍ବ ହୋଇଥିବାବେଳେ ୧୪ ପ୍ରତିଶତ ପ୍ରକଳ୍ପ ୬୦ ମାସରୁ ଅଧିକ ବିଳମ୍ବ ହୋଇଛି। ପ୍ରକଳ୍ପଗୁଡ଼ିକ ବିଳମ୍ବ ହେବାର ବାହ୍ୟ କାରଣ ରହିଛି। ଏହାର ଏକ ସଦ୍ୟ ଉଦାହରଣ ହେଉଛି ୧୯୯୫ରେ ଅନୁମୋଦିତ ଉଦମପୁର ଶ୍ରୀନଗର ବାରାମୁଲ୍ଲା ପ୍ରକଳ୍ପ ବର୍ଷ ବର୍ଷ ଧରି ବିଳମ୍ବିତ ହୋଇଛି। ରିପୋର୍ଟ ଅନୁଯାୟୀ, ଏହା ଫେବୃଆରୀ ୨୦୨୪ରେ ସମ୍ପୂର୍ଣ୍ଣ ହୋଇପାରେ। ରିପୋର୍ଟ ଅନୁଯାୟୀ, ଜମି ଅଧିଗ୍ରହଣ, ନିଲାମ, ଜଙ୍ଗଲ ଓ ପରିବେଶ ମଞ୍ଜୁରି ଏବଂ ଭିତ୍ତିଭୂମି ସହାୟତା ଅଭାବରୁ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ବିଳମ୍ବ ହେଉଛି। ତେବେ ବିଳମ୍ବ ହେତୁ ଅତିରିକ୍ତ ଖର୍ଚ୍ଚର ଆବଶ୍ୟକତା ହ୍ରାସ ପାଇଛି। ପ୍ରକଳ୍ପଗୁଡିକ ଉପରେ ୧୭.୫ ପ୍ରତିଶତ କିମ୍ବା ୪.୪ ଲକ୍ଷ କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ହେବାର ସମ୍ଭାବନା ରହିଛି। ନଭେମ୍ବର ୨୦୨୨ରେ ଏହା ୨୧.୭ ପ୍ରତିଶତ ରହିଥିଲା।

